ମାନବିକ ଅଧିକାର ସମ୍ବନ୍ଧୀୟ ନାଗରିକ ସଙ୍ଗଠନ / ସିଭିଲ ସୋସାଇଟି ଫୋରମ ଅନ୍ ହ୍ୟୁମାନ୍ ରାଇଟସ୍ ଆନୁକୂଲ୍ୟରେ .....

# ବିଷୟସୂଚୀ


୧.ମହିଳାମାନଙ୍କ ଉପରେ ହିଂସା

- ସ୍ତ୍ରୀକୁ କଟୁରିରେ ହାଣି ହତ୍ୟା, ସ୍ୱାମୀ ଗିରଫ.
- ମହିଳାଙ୍କୁ ତଂଟି କାଟି ହତ୍ୟା .
- ନଦୀରୁ ମହିଳାଙ୍କ ଗଳିତ ଶବ ଉଦ୍ଧାର.
- ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା.
- ବନ୍ଧୁକ ଦେଖାଇ ଦୁଷ୍କର୍ମ.
- ରାତିରେ ଘରେ ପଶି ଦୁଷ୍କର୍ମ ଉଦ୍ୟମ.
- ଜନନୀ ସୁରକ୍ଷା ଯୋଜନାର ସଫଳତାକୁ ନେଇ ପ୍ରଶ୍ନବାଚୀ.
- ମାଆ କୁ ମାରିଦେଲେ.
- ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା.
- ପୁଅକୁ ଧରି ଥାନାରେ ମହିଳା, ସ୍ୱାମୀ ଫେରାର.
- ପତ୍ନୀକୁ ମାଡ ମାରି ଶିକ୍ଷକ ଗିରଫ.
- ସବିତାଙ୍କୁ ହକ୍ ଦେବ କିଏ.
- ବିବାହ କରାଇଦେବାକୁ କହି ସମ୍ପର୍କୀୟା ଭଉଣୀକୁ ଦୁଷ୍କର୍ମ.
- ପତ୍ନୀକୁ ପିଟିପିଟି ହତ୍ୟା.
- ନୃଶଂସ ମରଦପଣ.
- ପ୍ରେମିକାକୁ ଗର୍ଭବତୀ କରି ପ୍ରେମିକ ଛୁ...
- ବାଲ୍ୟ ବିବାହକୁ ବିରୋଧ କରିବାରୁ ଦିଲ୍ଲୀରେ ଓଡିଆ ଯୁବତୀଙ୍କୁ ଆକ୍ରମଣ.

୨. ଶିଶୁମାନଙ୍କ ଅଧିକାର ଉପରେ ହିଂସା.

- ପାହାଡ ଉପରେ ତିନି ଦିନ ଧରି ଗଣଦୁଷ୍କର୍ମ.
- ସେବାଶ୍ରମ ଛାତ୍ରୀଙ୍କୁ ଦୁଷ୍କର୍ମ .
- ବଲେରୋ ଗାଡି ଭିତରେ ଛାତ୍ରୀଙ୍କୁ ଦୁଷ୍କର୍ମ .

- ବଣ୍ଡା ଛାତ୍ର ଛାତ୍ରୀଙ୍କୁ ଦିଆଯାଉନି ମଧ୍ୟାହ୍ନ ଭୋଜନ, ଦଳେ ଖାଉଛନ୍ତି ଦଳେ ଦେଖୁଛନ୍ତି .
- ନାବାଳିକାର ଗର୍ଭପାତ କରାଇ ଯୁବକ ଫେରାର .
- ଝିଅକୁ ପୋଡି ମାରିଲେ ବାପା ଓ ମା.
- ଯୁବତୀଙ୍କ ସନ୍ଦେହ ଜନକ ମୃତ୍ୟୁ.
- ଛାତକୁ ସାହା ବାଉଁଶ ଢ଼ିରା.
- ଦଳିତ ଛାତ୍ରଛାତ୍ରୀଙ୍କୁ ନିର୍ଯ୍ୟାତନା,ମାଡ ଅଭିଯୋଗରେ ଧାରଣା.
- କୁଚିଣ୍ଡାରେ ୧୩ ଦିନରେ ୨ ଶିଶୁ କନ୍ୟାଙ୍କୁ ଦୁଷ୍କର୍ମ.
- ପାଠ ପଢା ବେଳେ ଭୁଷୁଡିଲା ଅଙ୍ଗନବାଡି ତାଜା.
- ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା.
- ୧୪ ଛାତ୍ର ଛାତ୍ରୀଙ୍କୁ ଯୌନ ଯାତନା ଅଭିଯୋଗ.
- କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା.
- ମଧ୍ୟାହ୍ନ ଭୋଜନ ଖାଇ ୧୦ ଛାତ୍ରଛାତ୍ରୀ ଅସୁସ୍ଥ, ୪ ଗୁରୁତର.
- ମୋ ଝିଅକୁ ଗଣଦୁଷ୍କର୍ମ ପରେ ହତ୍ୟା କରାଯାଇଛି.

୩. ହାଜତରେ ମୃତ୍ୟୁ/ପୋଲିସର ଅତ୍ୟାଚାର.

- ଦୃଷ୍ଟିହୀନ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଘଟଣା, ପରିବାର ଲୋକଙ୍କୁ ପୋଲିସର ଧମକ.
- ଦେହଜୀବି ବୋଲି..., ଅଭିଯୋଗକୁ ମିଳିମିଶି ଛାପି ଦେବାକୁ ଉଦ୍ୟମ..
- ଅପହରଣକାରୀଙ୍କୁ ଧରିବାକୁ ପୁଲିସର ଆନ୍ତରିକତା ନାହିଁ.
- ପୁଲିସ ଅଧିକାରୀଙ୍କୁ ବର୍ଷେ ଆଠ ମାସ ଜେଲ.

୪. ବିକାଶ ପାଇଁ ବିନାଶ.

- ଆକ୍ସନ ଇସ୍ପାତରେ ଦୁର୍ଘଟଣା, ୨ ଆହତ.
- ନାରାୟଣପାଟଣାରେ ବିସ୍ଥାପିତ ଆନ୍ଧ୍ରରେ ମିଶିବେ.

୫. ଦଳିତ ଓ ଆଦିବାସୀ ମାନଙ୍କ ଉପରେ ହିଂସା.

- ପ୍ରତାରିତା ବଣ୍ଡା ଯୁବତୀ ପ୍ରଶାସନର ଦ୍ୱାରସ୍ଥ.
- ଦଳିତ ମହିଳାଙ୍କୁ ଅସଦାଚରଣ, ଜଣେ ଗିରଫ.

୬. ଛାତରୁ ଖସି ପଡିଲା ଫ୍ୟାନ, ରୋଗୀ ଗୁରୁତର.

୭.  ଚିକିତ୍ସା ଅଭାବରୁ ଯୁବକର ମୃତ୍ୟୁ.

୮. ଗାଁ କୁ ରାସ୍ତା ନାହିଁ, ମେଡିକାଲ ଯିବା ବାଟରେ ଆଖି ବୁଜିଲେ ମହିଳା.

# ସ୍ତ୍ରୀକୁ କଟୁରିରେ ହାଣି ହତ୍ୟା, ସ୍ୱାମୀ ଗିରଫ

କେନ୍ଦ୍ରାପଡ଼ା, ୧୦।୯ (ଇମିସ): ଅଗ୍ନିକୁ ସାକ୍ଷୀ ରଖି ତାଙ୍କୁ ଇହକାଳ ଓ ପରକାଳର ଦେବତା ଭାବେ ଗ୍ରହଣ କରିଥିଲେ। ପତ୍ନୀଙ୍କୁ ସବୁ ପ୍ରକାର ବିପତ୍ତିରୁ ରକ୍ଷା କରିବାର ପ୍ରତିଶ୍ରୁତି ବି ସ୍ୱାମୀ ଦେଇଥିଲେ। ହେଲେ, ସେଇ ସ୍ୱାମୀ ଆଜି ରାକ୍ଷସର ରୂପ ନେଇ ତାଙ୍କୁ ଆକ୍ରମଣ କଲେ। କଟୁରିରେ ଚୋଟ ପରେ ଚୋଟ ମାରି ଚାଲିଲେ। ମାତ୍ର କେଇଟା ମିନିଟ୍ ଭିତରେ ପତ୍ନୀଙ୍କୁ ଆରପାରିକୁ ପଠାଇ ଦେଲେ। ଏଭଳି ଏକ ଅଭାବନୀୟ ଓ ଘୃଣ୍ୟ କାଣ୍ଡ ଘଟିଛି କେନ୍ଦ୍ରାପଡ଼ା ସହରର ଗଣାମହାଲଠାରେ। ସାମାନ୍ୟ ମାନସିକ ବିକୃତି ଥିବା ଜଣେ ବ୍ୟକ୍ତି କଟୁରୀରେ ଆକ୍ରମଣ କରି ନିଜ ପତ୍ନୀଙ୍କୁ ହତ୍ୟା କରିଛନ୍ତି। ଅଭିଯୁକ୍ତ ସ୍ୱାମୀଙ୍କୁ ପୁଲିସ ଗିରଫ କରିଛି।

କେନ୍ଦ୍ରାପଡ଼ା ନୂଆ ବସ୍‌ଷ୍ଟାଣ୍ଡ୍ ନିକଟସ୍ଥ ଗଣାମାହାଲର ଅକ୍ଷୟ ସାହୁଙ୍କର ସାମାନ୍ୟ ମାନସିକ ବିକୃତି ରହିଛି। ଏହାକୁ ନେଇ ସେ ଚିକିତ୍ସିତ ବି ହେଉଛନ୍ତି। ଆଜି ସକାଳେ ଅକ୍ଷୟଙ୍କ ପତ୍ନୀ ଜୟନ୍ତୀ ଗାଧୋଇକି ଘରକୁ ଫେରୁଥିବା ବେଳେ ହଠାତ୍ ଅକ୍ଷୟଙ୍କ ମୁଣ୍ଡ ବିଗିଡ଼ି ଯାଇଥିଲା। ଘରେ ପଡିଥିବା ଏକ କଟୁରି ଧରି ସେ ଜୟନ୍ତୀଙ୍କୁ ଆକ୍ରମଣ କରିଥିଲେ। ଜୟନ୍ତୀ ସ୍ୱାମୀଙ୍କ ଆକ୍ରମଣର ପ୍ରତିରୋଧ କରିବା ପୂର୍ବରୁ ସେ ତାଙ୍କ ମୁହଁ ଓ ମୁଣ୍ଡରେ ୬ ଚୋଟ ମାରିଥିଲେ।

## ରାଜଧାନୀରେ ପୁଣି ହାଇପ୍ରୋଫାଇଲ୍ ମର୍ଡର୍

# ମହିଳାଙ୍କୁ ତଣ୍ଟି କାଟି ହତ୍ୟା

ଭୁବନେଶ୍ୱର,୧୧।୯(ଇମିସ): ରାଜଧାନୀରେ ପୁଣି ଘଟିଛି ଏକ ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡ। ଦିନ ଦ୍ୱିପ୍ରହରରେ ଜଣେ ମହିଳାଙ୍କୁ ତାଙ୍କ ଘର ଭିତରେ ଅତ୍ୟନ୍ତ ବୀଭତ୍ସ ଭାବେ ତଣ୍ଟି କାଟି ହତ୍ୟା କରାଯାଇଛି। ଘଟଣା ଘଟିଛି ରସୁଲଗଡ଼ ଶବରସାହିରେ। ମୃତ ମହିଳାଙ୍କ ନାମ ବଚନସୁଧା ପଟ୍ଟନାୟକ(୫୨)। ସେ ଭୁବନେଶ୍ୱରର ବମିଖାଲରେ ଥିବା ମଧୁକନ୍ ଆଗ୍ରୋ ଅଟୋମୋବାଇଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକ ମନୁଚରଣ ପଟ୍ଟନାୟକଙ୍କ ପତ୍ନୀ। ବାଲେଶ୍ୱର ଅଂଚଳର ଶ୍ରୀ ପଟ୍ଟନାୟକଙ୍କ ପରିବାର ରସୁଲଗଡ଼ ଶବରସାହି (ନେତାଜୀ ନଗର)ରେ ଥିବା ନିଜ ଘର 'ମଧୁକନ୍ ହାଉସ୍'ରେ ରହୁଥିଲେ। ଏହି ଘରେ (ପ୍ଲଟ୍ ନମ୍ବର ୫୫୬/୩୬୭) ହିଁ ହତ୍ୟାକାଣ୍ଡ ହୋଇଛି। ହତ୍ୟାକାଣ୍ଡ ପରେ ଘରର ସିକ୍ୟୁରିଟି ଗାର୍ଡ ଫେରାର ହୋଇଯାଇଛି। ପ୍ରାଥମିକ ତଦନ୍ତରୁ ଏହି ସିକ୍ୟୁରିଟି ଗାର୍ଡ ହିଁ ହତ୍ୟାକାରୀ ବୋଲି ସନ୍ଦେହ କରାଯାଉଛି। ତେବେ ହତ୍ୟାର ପ୍ରକୃତ ରହସ୍ୟ ଏପର୍ଯ୍ୟନ୍ତ ଉନ୍ମୋଚନ ହୋଇ ପାରିନାହିଁ। ପୁଲିସ ମୃତଦେହକୁ ଜବତ କରି କ୍ୟାପିଟାଲ୍ ହସ୍ପିଟାଲ୍‌ରେ ବ୍ୟବଚ୍ଛେଦ କରାଇଛି। ଘଟଣା ପରେ ଅତିରିକ୍ତ ପୁଲିସ କମିସନର ଡ. ସନ୍ତୋଷ ବାଲା, ଡିସିପି ନୀତିନଜିତ୍ ସିଂହ, ଏସିପି ବିଷ୍ଣୁ ଚରଣ ମିଶ୍ର ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହଯୋଗରେ ତଦନ୍ତ ଆରମ୍ଭ କରିଛନ୍ତି। ଫେରାର ସିକ୍ୟୁରିଟି ଗାର୍ଡ ଦିପ୍ତୀ ରଂଜନ ପଟ୍ଟନାୟକର ରୁମ୍ ଭିତରୁ ପୁଲିସ ଏକ ରକ୍ତଲଗା ଭିଜିଟିଂ କାର୍ଡ, ଶାଢ଼ୀ, ଏକ ଜରିରେ ବନ୍ଧା ହୋଇଥିବା ଭାତ ଏବଂ ଘର ସମ୍ମୁଖ ଡ୍ରେନ୍ ଭିତରୁ ସଂପୃକ୍ତ ସିକ୍ୟୁରିଟି ଗାର୍ଡର ରକ୍ତଭିଜା ଟି-ସାର୍ଟ, ମୃତା ବଚନସୁଧାଙ୍କ ମୋବାଇଲ୍ ଫୋନ୍, ଭାନିଟି ବ୍ୟାଗ୍, ପର୍ସ, ଏକ ମଦ ବୋତଲ, ଜରି ବ୍ୟାଗ୍ ଆଦି ଜବତ କରିଛି।


ବଚନସୁଧା (ଫାଇଲ୍ ଫଟୋ)

- ୧୫ ଲକ୍ଷର ହାର, ଟଂକା ଲୁଟ୍
- ଘର ଭିତର ରକ୍ତରଂଜିତ, ଛିନ୍ନଛତ୍ର
- ସିକ୍ୟୁରିଟି ଗାର୍ଡ ଉପରେ ସନ୍ଦେହ



ପୁଲିସଠାରୁ ମିଳିଥିବା ସୂଚନା ଅନୁସାରେ- ଆଜି ଦିନ ପ୍ରାୟ ୧୨.୩୦ରେ ➥ ୭

## ମହିଳାଙ୍କ ତଣ୍ଟି କାଟି ...

ସ୍ଥାନୀୟ ଅଂଚଳର ଜଣେ ମହିଳା ପୁଲିସ କଣ୍ଟ୍ରୋଲ୍ ରୁମ୍‌କୁ ଫୋନ୍ କରିଥିଲେ। କହିଥିଲେ ତାଙ୍କ ସାମନା ଘର ଭିତରୁ ଜଣେ ମହିଳାଙ୍କ ଚିତ୍କାର ଶୁଭା ଯାଉଛି। ଖବର ପାଇ ପିସିଆର୍ ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଘରର ଗେଟ୍ ଓ ସବୁ କବାଟ ଖୋଲା ଥିଲା। ପୁଲିସ ଘର ଭିତରକୁ ଯାଇ ଦେଖିଲା ବେଳକୁ ଡାଇନିଙ୍ଗ୍ ହଲ୍ ଟେବୁଲ୍ ନିକଟରେ ବଚନସୁଧା ରକ୍ତାକ୍ତ ଅବସ୍ଥାରେ ପଡିଥିଲେ। ତାଙ୍କ ତଣ୍ଟି କଟା ହୋଇଥିଲା। ଏଥିସହ ତାଙ୍କ ମୁହଁ, ହାତ ଏବଂ ମୁଣ୍ଡରେ ବି ଶକ୍ତ ଆଘାତ ଲାଗିଥିଲା।

ପାରିପାର୍ଶ୍ୱିକ ପରିସ୍ଥିତିରୁ ପୁଲିସ ଅନୁମାନ କରୁଛି ଯେ ବଚନସୁଧା ରୋଷେଇ କରୁଥିବା ବେଳେ କେହି ଭିତରକୁ ପଶି ତାଙ୍କ ପଛପଟୁ କାବୁ କରି ହତ୍ୟା କରିଛି। କାରଣ ପୁଲିସ ପହଞ୍ଚିଲାବେଳେକୁ ରୋଷେଇ ଘରେ ଗ୍ୟାସ୍ ଚୁଲା ଜଳୁଥିଲା। ତାହା ଉପରେ ଏକ ପାତ୍ର ବି ଥୁଆ ହୋଇଥିଲା। ତେବେ ହତ୍ୟାକାରୀ ଓ ବଚନସୁଧାଙ୍କ ମଧ୍ୟରେ ବହୁ ସମୟ ଧରି ଧସ୍ତାଧସ୍ତି ଲାଗିଥିବା ପୁଲିସ ଅନୁମାନ କରୁଛି। ୨ଟି ବେଡ୍‌ରୁମ୍ ଘଣ୍ଟା ଚକଟା ହୋଇଛି। ଘରର ଜିନିଷପତ୍ର ଏଣେତେଣେ ବିଛାଡି ହୋଇ ପଡିଛି। ରକ୍ତ ଛିଟା ବି ଏଣେତେଣେ ପଡିଛି। ଡାଇନିଙ୍ଗ୍ ଟେବୁଲ୍ ତଳ ଚଟାଣ ରକ୍ତ ଜୁଡୁବୁଡୁ ହୋଇଛି। ପୁଲିସ ଘର ଭିତରୁ କିଛି ଫିଙ୍ଗରପ୍ରିଣ୍ଟ ସଂଗ୍ରହ କରିଛି। ବଚନସୁଧାଙ୍କ ବେକରେ ଥିବା ସୁନାହାର ନାହିଁ। ଯାହାର ଦାମ୍ ୧୦ରୁ ୧୫ ଲକ୍ଷ ଟଙ୍କା ହେବ। ଘର ଭିତରୁ କିଛି ଗହଣା ଓ ଟଙ୍କା ମଧ୍ୟ ଚୋରି ହୋଇଛି ବୋଲି ପରିବାର ଲୋକେ କହିଛନ୍ତି।

ଘଟଣା ପରଠାରୁ ଫେରାର ଥିବା ସିକ୍ୟୁରିଟି ଗାର୍ଡ ଦିପ୍ତୀ ରଂଜନ ପଟ୍ଟନାୟକ ଉପରେ ସନ୍ଦେହ ଦୃଢ଼ୀଭୂତ ହୋଇଛି। କାରଣ ଯେଉଁ ଘରେ ସିକ୍ୟୁରିଟି ଗାର୍ଡମାନେ ବସାଉଠା କରନ୍ତି ସେହି ଘରେ ଏକ ରକ୍ତଲଗା କାର୍ଡ, ଶାଢ଼ି ଏବଂ ଭାତ ଥୁଆ ହୋଇଥିଲା। ସେହିପରି ଗେଟ୍ ସମ୍ମୁଖ ଡ୍ରେନ୍ ଭିତିରୁ ଏକ ଜରି ବ୍ୟାଗ୍ ଜବତ କରିଛି। ଯେଉଁଥିରେ ଏକ ଗୋଲାପୀ ରଙ୍ଗର ଟିସାର୍ଟ(ରକ୍ତଭିଜା), ଭ୍ୟାନିଟି ବ୍ୟାଗ୍ ଓ ମୋବାଇଲ୍ ଫୋନ୍ (ବଚନସୁଧାଙ୍କର) ଜବତ କରିଛି। ପୁଲିସ ଦିପ୍ତୀ ରଂଜନ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ଲାଗି ସିକ୍ୟୁରିଟି ସଂସ୍ଥାର ମାଲିକଙ୍କୁ ପଚରା ଉଚରା କରୁଛି।

ବଚନସୁଧାଙ୍କ ସ୍ୱାମୀ ମନୁଚରଣ କହିଛନ୍ତି ଘରର ଚାକରାଣୀ ନିଜ ଗାଁ ବ୍ରହ୍ମପୁରକୁ ୫ ଦିନ ତଳେ ଯାଇଛି। ଡ୍ରାଇଭର ବି ଛୁଟିରେ ଅଛି। ସକାଳେ ଡ୍ୟୁଟିକୁ ଆସିଥିବା ସିକ୍ୟୁରିଟି ଗାର୍ଡ ଫେରାର୍ ହୋଇ ଯାଇଛି। ତେଣୁ ତା ଉପରେ ସନ୍ଦେହ ହେଉଛି। ତା ମୋବାଇଲ୍ ଫୋନ୍ ବି ବନ୍ଦ ରହିଛି।

ଅନ୍ୟପକ୍ଷରେ ପୁଲିସ ଜଣେ ଯୁବକକୁ ଥାନାରେ ଅଟକ ରଖି ପଚରା ଉଚରା କରୁଛି। ସଂଧ୍ୟାରେ ମୃତଦେହକୁ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ବ୍ୟବଚ୍ଛେଦ କରାଯାଇଛି। ଏ ନେଇ ମଞ୍ଚେଶ୍ୱର ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଛି।

ଏହି ହତ୍ୟା ଘଟଣା ରାଜଧାନୀରେ ପୁଣି ଚାଞ୍ଚଲ୍ୟ ଖେଳାଇ ଦେଇଛି। ବହୁଚର୍ଚ୍ଚିତ ଆଚାର୍ଯ୍ୟବିହାର ଡବଲ୍ ମର୍ଡର୍ ଓ ଆଇଆର୍‌ସି ଭିଲେଜ୍ ଉଷାଶ୍ରୀ ହତ୍ୟା ଘଟଣା ଏବେ ବି ଜନମାନସରେ ତାଜା ହୋଇ ରହିଥିବା ବେଳେ ଏହି ହାଇପ୍ରୋଫାଇଲ୍ ମର୍ଡର ପୁଲିସ ପାଇଁ ନୂଆ ଚାଲେଞ୍ଜ ସୃଷ୍ଟି କରିଛି।

# ନଦୀରୁ ମହିଳାଙ୍କ ଗଳିତ ଶବ ଉଦ୍ଧାର

## ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ

ଖଣ୍ଡପଡ଼ା, ୧୧।୯ (ଇମିସ): ଖଣ୍ଡପଡ଼ା ଥାନା ଅନ୍ତର୍ଗତ କୁସୁମୀ ନଦୀରୁ ଆଜି ଜଣେ ବିବାହିତ ମହିଳାଙ୍କ ଗଳିତ ଶବ ପୁଲିସ ଉଦ୍ଧାର କରିଛି। ମହିଳାଙ୍କ ପରିଚୟ ମିଳି ନଥିବା ବେଳେ ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ନୟାଗଡ଼ ଡାକ୍ତରଖାନା ପଠାଇଛି। ଘଟଣା ଅନୁସାରେ, ଗତକାଲି ଖଣ୍ଡପଡ଼ାର କିଛି ପିଲା ଛେଳି ଚରାଇବାକୁ ଯାଇଥିବା ବେଳେ ନଦୀ ଧାରର ପୂର୍ବପାଖ କୂଳରେ ଜଣେ ମହିଳାଙ୍କ ଶବ ପଡ଼ିଥିବା ଦେଖି ଅନ୍ୟମାନଙ୍କୁ ଖବର ଦେଇଥିଲେ। ଖବର ପ୍ରଚାରିତ ହେବା ପରେ ସେଠାରେ ଲୋକଙ୍କ ଭିଡ଼ ଜମିବା ସହ ପୁଲିସକୁ ଖବର ଦିଆଯାଇଥିଲା। ତେବେ ଖବର ପାଇବା ବେଳକୁ ରାତି ହୋଇଯାଇଥିବା ଓ ଫତେଗଡ଼ କିମ୍ବା ଖଣ୍ଡପଡ଼ା ଥାନା ସୀମା ମଧ୍ୟସ୍ଥ ଘଟଣା ନିଷ୍ପତ୍ତି ହୋଇ ନପାରିବାରୁ ପୁଲିସ କୌଣସି ପଦକ୍ଷେପ ନେଇନଥିଲା। ସକାଳେ ଖଣ୍ଡପଡ଼ାର ସାମ୍ବାଦିକମାନେ ଘଟଣାସ୍ଥଳରେ ପହଞ୍ଚି ଏସ୍‌ପିଙ୍କୁ ଖବର ଦେଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶରେ ଫତେଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ତେବେ ଏହା ଖଣ୍ଡପଡ଼ା ଥାନା ସୀମାରେ ହୋଇଥିବାରୁ ଖଣ୍ଡପଡ଼ା ଆଇଆଇସି ଶେଖ୍ ଆକବର୍ ଅଲ୍ଲୀ ଓ ଏସ୍‌ଆଇ ବ୍ରହ୍ମାନନ୍ଦ ଦେହୁରୀ ମଧ୍ୟ ସେଠାରେ ପହଞ୍ଚି ଶବ ଜବତ କରିଥିଲେ। ତେବେ ମହିଳାଙ୍କ ଶବ ସମ୍ପୂର୍ଣ୍ଣ ଉଲଗ୍ନ ଥିବା ବେଳେ ପାରିପାର୍ଶ୍ୱିକ ଅବସ୍ଥାରୁ ତାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ୩ରୁ ୪ ଦିନ ତଳେ ତାଙ୍କୁ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରି ଘଟଣାର ଅନୁସନ୍ଧାନ ଆରମ୍ଭ ହୋଇଥିବା ଖଣ୍ଡପଡ଼ା ପୁଲିସ ସୂଚନା ଦେଇଛି।

# ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା!

ଖୋର୍ଦ୍ଧା, ୧୧।୯ (ଇମିସ): ଖୋର୍ଦ୍ଧା ଜିଲ୍ଲା ବଡ଼ପୋଖରିଆ ଅଞ୍ଚଳର ଜଣେ ୧୯ ବର୍ଷିୟା ଯୁବତୀ(କଳ୍ପନା)ଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଛି ବୋଲି ଖୋର୍ଦ୍ଧା ଟାଉନ ଥାନାରେ ଅଭିଯୋଗ କରାଯାଇଛି। ମୃତା ଯୁବତୀର ବାପା ନିଜେ ଏହି ଅଭିଯୋଗ କରିଥିବା ବେଳେ ରିପୋର୍ଟ ଲେଖା ହେବା ବେଳକୁ ଖୋର୍ଦ୍ଧା ପୁଲିସ୍ ଏ ସମ୍ପର୍କରେ କେସ୍ ରୁଜୁ କରି ନ ଥିବା ଜଣାପଡ଼ିଛି।

ମିଳିଥିବା ଖବର ମୁତାବକ ଖୋର୍ଦ୍ଧା ଜିଲ୍ଲା ବଡ଼ପୋଖରିଆ ଅଞ୍ଚଳର କର୍ପୂର ପାଟେଣୀ ଗାଁର କଳ୍ପନା ଏକ ଘରୋଇ ସଂସ୍ଥାରେ ଚାକିରି କରନ୍ତି। ଆଜି ସକାଳ ସାଢ଼େ ୭ଟାରେ ସେ ଅଫିସ ଆସି ଆଉ ଘରକୁ ଫେରି ନ ଥିଲେ। 'ଖୋର୍ଦ୍ଧାସ୍ଥିତ ପିଏନ୍ କଲେଜ ନିକଟରେ ଜଣେ ଯୁବତୀଙ୍କର ଦୁର୍ଘଟଣା ଘଟିଛି ଓ ତାଙ୍କୁ ୧୦୮ ଆମ୍ବୁଲାନସ୍‌ରେ କ୍ୟାପିଟାଲ ହସ୍‌ପିଟାଲ ନିଆଯାଇଛି। ସେଠାରେ ତାଙ୍କର ମୃତ ଘଟିଛି 'ବୋଲି କଳ୍ପନାଙ୍କ ବାପାଙ୍କ ନିକଟକୁ ଜଣେ ଅଜଣା ବ୍ୟକ୍ତି ଫୋନ କରି ଜଣାଇଥିଲେ। ପରେ ଯୁବତୀଙ୍କ ବାପା ତାଙ୍କର ଝିଅଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଛି ବୋଲି ଖୋର୍ଦ୍ଧା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଏହି ରିପୋର୍ଟ ନେଇ ଥାନାରେ କେସ୍ ରୁଜୁ ହୋଇ ନ ଥିଲେ ସୁଦ୍ଧା ଏ ସମ୍ପର୍କରେ ଖୋର୍ଦ୍ଧା ପୁଲିସ୍ ପ୍ରାଥମିକ ଅନୁସନ୍ଧାନ ଆରମ୍ଭ କରିଛନ୍ତି। କ୍ୟାପିଟାଲ ହସପିଟାଲର ଫାଣ୍ଡି ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଯୁବତୀର ବ୍ୟବଚ୍ଛେଦ କରାଇଥିବା ବିଷୟ ଖୋର୍ଦ୍ଧା ପୁଲିସ୍ ଜାଣିବାକୁ ପାଇଛି। ତେବେ ତାଙ୍କୁ ଝିଅକୁ ଆମ୍ବୁଲାନ୍‌ସରେ ଅଣାଯାଇ ନ ଥିଲା। ଦୁଇ ଜଣ ଯୁବକ ତାଙ୍କ ଝିଅକୁ ଗୁରୁତର ଅବସ୍ଥାରେ ସେଠାକୁ ନେଇଥିଲେ ଓ ସେଠାରେ ସେମାନଙ୍କର ଏକ ହେଲମେଟ ଛାଡ଼ି ଦେଇଥିବା ପୁଲିସ୍‌ର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ଫଳରେ ଏହି ଘଟଣା ଅଧିକ ରହସ୍ୟମୟ ହୋଇପଡ଼ିଛି।

# ବନ୍ଧୁକ ଦେଖାଇ ଦୁଷ୍କର୍ମ

ପୁରୁଣା ଭୁବନେଶ୍ୱର,୧୧।୯(ଇମିସ): ଗତକାଲି ରାତି ପ୍ରାୟ ସାଢ଼େ ୧୨ଟା ବେଳେ ଲିଙ୍ଗରାଜ ଥାନା ଅଧୀନ ସାମନ୍ତରାପୁର ମହାବୀର ନଗର ଲେନ୍ ୨ ନିକଟ ଦିବ୍ୟବିହାରରେ ଜଣେ ବିବାହିତା ମହିଳାଙ୍କୁ ବନ୍ଧୁକ ଦେଖାଇ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ପୁଲିସ୍ ସୂଚନା ଅନୁଯାୟୀ ସଂପୃକ୍ତ ମହିଳାଙ୍କୁ ଅଭିଯୁକ୍ତ ଯୁବକ ଜଣକ ଗତ କିଛି ଦିନ ପୂର୍ବରୁ ଅଶ୍ଳୀଳ ଇଙ୍ଗିତ କରିଆସୁଥିଲା। ଗତକାଲି ରାତିରେ ମହିଳାଙ୍କ ସ୍ୱାମୀ ଘରେ ନଥିବାର ସୁଯୋଗ ନେଇ ଯୁବକ ଜଣକ ଘରେ ପଶି ବନ୍ଧୁକ ଦେଖାଇ ଭୟଭୀତ କରି ତାଙ୍କୁ ଦୁଷ୍କର୍ମ କରିଥିଲା। ଖବର ପାଇ ପିସିଆର୍ ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଘଟଣାଟି ମହିଳା ସଂକ୍ରାନ୍ତୀୟ ହୋଇଥିବାରୁ ମାମଲାଟିକୁ ମହିଳା ଥାନାକୁ ହସ୍ତାନ୍ତର କରାଯାଇଥିଲା। ମହିଳା ଥାନା ପୁଲିସ୍ ଏନେଇ ଏକ ମାମଲା ରୁଜୁ କରିବା ସହ ସଂପୃକ୍ତ ମହିଳାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ନେଇ ଡାକ୍ତରୀ ମାଇନା କରାଇଛି। ଅଭିଯୁକ୍ତକୁ ଧରିବା ଲାଗି ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରିରଖିଛି। ଅଭିଯୁକ୍ତର ଘର କୋଣାର୍କ ଅଞ୍ଚଳରେ ବୋଲି ପୁଲିସ୍ ଜାଣିବାକୁ ପାଇଛି। ଅପରପକ୍ଷରେ ପୀଡ଼ିତା ମହିଳା ଜଣକ ଜଣେ ଦିନ ମଜୁରିଆ ବୋଲି ଜଣାପଡ଼ିଛି।

# ରାତିରେ ଘରେ ପଶି ଦୁଷ୍କର୍ମ ଉଦ୍ୟମ

## ଅଭିଯୁକ୍ତକୁ ଜୋତାମାଳ ପିନ୍ଧାଇଲେ ଗ୍ରାମବାସୀ



ପଳାଶପଙ୍ଗା,୧୭।୯(ଇମିସ): ମହିଳାଙ୍କ ପ୍ରତି ଦୁଷ୍କର୍ମ ଉଦ୍ୟମ କରି ଜଣେ ବିବାହିତ ଯୁବକ ହଟହଟା ହେବା ସହିତ ଗ୍ରାମବାସୀଙ୍କ ଦ୍ୱାରା ଅପମାନିତ ଓ ଲାଞ୍ଛିତ ହୋଇଛନ୍ତି। ଘଟଣା ଘଟିଛି କେନ୍ଦୁଝର ସଦର ବ୍ଲକ ପଳାଶପଙ୍ଗା ପଞ୍ଚାୟତ ମୁରସୁଆଁ ଗ୍ରାମରେ। ଗତ ୧୪ ତାରିଖ ବିଳମ୍ବିତ ରାତିରେ ମୁରସୁଆଁ ଗ୍ରାମର ରଇବୁ ନାଏକ (୪୦) ସେହି ଗ୍ରାମର ଜଣେ ମହିଳାଙ୍କ ଘରେ ପଶିଥିଲା। ମହିଳାଙ୍କ ସ୍ୱାମୀ ଘରେ ଅନୁପସ୍ଥିତ ଥିଲେ। ଅଭିଯୁକ୍ତ ରଇବୁ କୌଶଳ କ୍ରମେ ମହିଳାଙ୍କ ନିକଟରେ ଶୋଇ ତାଙ୍କୁ ବଳାତ୍କାର କରିବାକୁ ଉଦ୍ୟମ କରିଥିଲା। ମହିଳା ଜଣକ ଚିତ୍କାର କରିବାରୁ ତାଙ୍କ ଶାଶୂ ଉଠି ପଡିଥିଲେ। ପରେ ଶାଶୂ ବୋହୂ ମିଶି ରଇବୁକୁ ଦଉଡିରେ ବାନ୍ଧି ପକାଇ ଥିଲେ। ସକାଳେ ଗ୍ରାମବାସୀଙ୍କ ନିଷ୍ପତ୍ତି କ୍ରମେ ମହିଳାଙ୍କ ପକ୍ଷରୁ ପଳାଶପଙ୍ଗା ଫାଣ୍ଡିରେ ଅଭିଯୋଗ ହୋଇଥିଲା। ବିବାହିତ ରଇବୁର ଏଭଳି କାର୍ଯ୍ୟକୁ ନେଇ ଗ୍ରାମବାସୀ ଛି ଛାକର କରିବା ସହ ତାକୁ ଜୋତାମାଳ ପିନ୍ଧାଇ ଫାଣ୍ଡି ଜିମା ଦେଇଥିଲେ। ଆଜି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ପଳାଶପଙ୍ଗା ଫାଣ୍ଡି ଅଧିକାରୀ ପ୍ରକାଶ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି।

# ଜନନୀ ସୁରକ୍ଷା ଯୋଜନାର ସଫଳତା ନେଇ ପ୍ରଶ୍ନବାଚୀ

## ସନ୍ତାନ ପ୍ରସବର ୪ ମାସ ପରେ ମା' ମୃତ

ବାଲିଅନ୍ତା, ୧୭।୯ (ଇମିସ) : ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା ଲକ୍ଷ୍ୟ ରଖି ଜନନୀ ସୁରକ୍ଷା ଯୋଜନାରେ ସରକାରୀ ସୂତ୍ରରୁ ବିପୁଳ ଅର୍ଥ ଖର୍ଚ୍ଚ ହେଉଥିଲେ ମଧ୍ୟ ଏହାର କାର୍ଯ୍ୟକାରୀତା ଓ ସଫଳତା ନେଇ ସଂପ୍ରତି ପ୍ରଶ୍ନ ଉଠିଛି। ପୁତ୍ର ସନ୍ତାନ ଜନ୍ମଦେବାର ୪ ମାସ ପରେ ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ଭିଙ୍ଗାରପୁର ପଞ୍ଚାୟତ ଜିତିକାର ସୁଆଁଲୋ ଗ୍ରାମର ରେଣୁବାଳା ବେହେରା(୩୦)ଙ୍କ ମୃତ୍ୟୁ ହେବା ଘଟଣା ଏହି ଯୋଜନାର ସଫଳତା ନେଇ ପ୍ରଶ୍ନ ସୃଷ୍ଟି କରୁଛି ବୋଲି ମୃତାଙ୍କ ସଂପର୍କୀୟା, ସ୍ଥାନୀୟ ଲୋକେ ଓ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି।

ମୃତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି ଯେ, ଆବଶ୍ୟକୀୟ ଚିକିତ୍ସା ସେବା ଏବଂ ଯତ୍ନ ଅଭାବରୁ ରେଣୁବାଳାଙ୍କ ମୃତ୍ୟୁ ହେଲା। ଅନ୍ୟପକ୍ଷରେ ପରିବାର ନୟିନ୍ତ୍ରଣ ଅସ୍ତ୍ରୋପଚାରରେ ତ୍ରୁଟି ଯୋଗୁ ରୋଗାଗ୍ରସ୍ତ ହୋଇ ରେଣୁବାଳାଙ୍କ ମୃତ୍ୟୁ ହୋଇଛି ବୋଲି ତାଙ୍କ ସ୍ୱାମୀ ଜୁବୁଲା ବେହେରା ଅଭିଯୋଗ କରିଛନ୍ତି। ଏ ନେଇ ଶ୍ରୀ ବେହେରା ଆଜି ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଶରତ କୁମାର ଦାଶ, ଜିଲ୍ଲା ଚିକିତ୍ସା ଅଧିକାରୀ, ଜିଲ୍ଲାପାଳ, ଏବଂ ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।

ମୃତା ରେଣୁବାଳାଙ୍କ ସ୍ୱାମୀ ଜୁବୁଲାଙ୍କ ଅଭିଯୋଗ ଅନୁଯାୟୀ ଗତ ଏପ୍ରିଲ୍ ମାସ ୭ ତାରିଖରେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ରେଣୁବାଳା ଏକ ପୁତ୍ର ସନ୍ତାନ ଜନ୍ମ କରିଥିଲେ। ଜୁଲାଇ ୨୦ ତାରଖରେ ଭିଙ୍ଗାରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ଶିବିରରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଏହାପରେ ସେ ପେଟରେ ଯନ୍ତ୍ରଣା ଅନୁଭୋବ କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଜୁବୁଲା ଜଣେ ବିପିଏଲ୍‌ଧାରୀ ଅସହାୟ ବ୍ୟକ୍ତି। ତାଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ଉପରୋକ୍ତ ଅଭିଯୋଗ ସଂପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ଦାଶଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ନେଇ ଗଠିତ ୪ ଜଣିଆ କମିଟି ତଦନ୍ତ କରିବା ପରେ ଉପଯୁକ୍ତ ସହାୟତା ରାଶି ପ୍ରଦାନ କରାଯିବ।

# 'ମାଆକୁ ମାରିଦେଲେ'

ପାଟଣା, ୧୯।୯ (ଇମିସ): ମା'କୁ ଷଡଯନ୍ତ୍ର କରି ମାରିଦେଲେ। ଆଗରୁ ବାପ ଛେଉଣ୍ଡ ହୋଇଥିଲୁ। ଏବେ ମା'କୁ ହରାଇଲୁ। ବର୍ତ୍ତମାନ କାହା ପାଖରେ ମୁଣ୍ଡ ଗୁଞ୍ଜିବୁ, କେଉଁଠି ଖାଇବୁ... ଏମିତି କୋହଭରା କଣ୍ଠରେ ପ୍ରକାଶ କରିଛି ପାଟଣା ଥାନା ବାଉଁଶଡିହା ଗ୍ରାମର ୧୪ ବର୍ଷର ବାଳକ ସତ୍ୟାନନ୍ଦ ପାତ୍ର ଓ ତାର ନାବାଳିକା ଭଉଣୀ ତିଳୋତ୍ତମା ପାତ୍ର (୧୭)। ମା'କୁ ମାରି ଦିଆଯାଇଥିବା ନେଇ ଭାଇଭଉଣୀ ଗତକାଲି ପାଟଣା ଥାନାରେ ଅଭିଯୋଗ କରିବା ସହ ସେମାନଙ୍କୁ ନ୍ୟାୟ ଦେବାକୁ ଅନୁରୋଧ କରିଛନ୍ତି।

ପ୍ରକାଶଥାଉକି, ପାଟଣା ଥାନା ବାଉଁଶଡିହା ଗ୍ରାମରେ ସ୍ୱର୍ଗତ ଜୟକୃଷ୍ଣ ପାତ୍ରଙ୍କ ସ୍ତ୍ରୀ ମଞ୍ଜୁଲତା ପାତ୍ର ତାଙ୍କ ପୁଅ ସତ୍ୟାନନ୍ଦ ପାତ୍ର (୧୪) ଓ ଝିଅ ତିଳୋତ୍ତମା ପାତ୍ର(୧୭)ଙ୍କୁ ନେଇ ରହୁଥିଲେ। ବର୍ଷେ ତଳେ ଜୟକୃଷ୍ଣଙ୍କର ମୃତ୍ୟୁ ହୋଇଥିଲା। ସତ୍ୟାନନ୍ଦଙ୍କ ଅଭିଯୋଗ ଅନୁଯାୟୀ, ଗତ ୯


ମଞ୍ଜୁଲତାଙ୍କ ଫାଇଲ ଫଟୋ

ତାରିଖରେ ଧାନ କାଟିବା ପାଇଁ ତାଙ୍କ ମାଆଙ୍କୁ କକା ନବ ପାତ୍ର ଡାକି ନେଇଥିଲେ। ସଂଧ୍ୟା ସୁଦ୍ଧା ମା' ଘରକୁ ଫେରିନଥିଲା। ଭାଇଉଉଣୀ ଦୁହେଁ ଗାଁ ସାରା ଖୋଜାଖୋଜି କରି କିଛି ସଂଧାନ ପାଇନଥିଲେ। ପରଦିନ ସକାଳେ ମାଆର ମୃତଦେହ ନବଙ୍କ ପାଚେରୀ ପାଖରେ ପଡିଥିବା ଶୁଣି ଭାଇଭଉଣୀ ଘଟଣାସ୍ଥଳକୁ ଦୌଡିଥିଲେ। ମାଆର ମୁଣ୍ଡ ଓ ମୁହଁରୁ ରକ୍ତ ବାହାରି ପଡିଥିଲା। ମାଆକୁ ମାରି ଦିଆଯାଇ ଥିବା ଜାଣି ଭାଇଭଉଣୀ ଭୋ ଭୋ କାନ୍ଦିଥିଲେ। ପୋଲିସ ଝାମେଲାରେ ନ ପଶିବା ପାଇଁ କକା ଓ ଚୌକିଦାର ମୃତ ଦେହ ଦାହ କରିବାକୁ କହିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ବାପା ମା ଛେଉଣ୍ଡ ଭାଇଭଉଣୀଙ୍କୁ ଜିଲ୍ଲା ପ୍ରଶାସନ ଥଇଥାନ କରିବା ସହ ହତ୍ୟାକାରୀକୁ ଗିରଫ କରିବା ଲାଗି ଗ୍ରାମର ସଚେତନ ନାଗରିକମାନେ ଅନୁରୋଧ କରିଛନ୍ତି।

# ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା

ମାଲକାନଗିରି, ୨୧/୯ (ଇମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତଣ୍ଡାପାଲ୍ଲୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି-୬ ଗ୍ରାମରେ ଗତ ୧୭ ତାରିଖରେ ଏକ ଅଭାବନୀୟ ଘଟଣା ଘଟିଛି। ସାପ କାମୁଡିଥିବା ୧୨ ବର୍ଷର ପୁଅକୁ ବଞ୍ଚାଇବାକୁ ଯାଇଥିବା ମା'କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ମାଲକାନଗିରି ଥାନାରେ ଅଭିଯୋଗ ହୋଇଛି। ମହିଳାଙ୍କ ଶବକୁ ଏକ ପୋଖରିରୁ

■ ପୁଅକୁ ବଞ୍ଚାଇବାକୁ ଯାଇଥିଲେ

■ ଅଭିଯୁକ୍ତ ଫେରାର

ପୋଲିସ ଉଦ୍ଧାର କରି ବ୍ୟବଚ୍ଛେଦ କରାଇଥିବା ବେଳେ ଅଭିଯୁକ୍ତ ଫେରାର୍ ହୋଇଯାଇଛି। ମହିଳାଙ୍କ ସ୍ୱାମୀ ସୁନିଲ ଏହି ଅଭିଯୋଗ କରିଛନ୍ତି। ପୋଲିସ କେସ୍(୧୯୬/୧୩) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ ମହିଳା ଜଣକ ହେଉଛନ୍ତି ଉକ୍ତ ଗ୍ରାମର ଫୁଲମତି ହେମ୍ରମ। ସୂଚନା ଅନୁସାରେ, ଘଟଣା ଦିନ ଫୁଲମତିଙ୍କ ପୁଅ ପ୍ରସନ୍ନଜିତ୍ ବିଲରେ କାମ କରୁଥିବା ବେଳେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ପୁଅ ବିଲରୁ ଫେରି ମା' ଫୁଲମତିଙ୍କୁ ଏ ବିଷୟରେ ଜଣାଇବାରୁ ଉଭୟେ ଚିକିତ୍ସା ପାଇଁ ସେହି ଗ୍ରାମର ଗୁଣିଆ ବନମାଳି ମାହାତଙ୍କ ଘରକୁ ଯାଇଥିଲେ। ବନମାଳି ଘରେ ନ ଥିବାରୁ ସେମାନେ ଘରକୁ ଫେରିଆସି ରାତି ୮ଟାରେ ପୁଣି ମାହାତଙ୍କ ଘରକୁ ଯାଇଥିଲେ। ବନମାଳି ସେତେବେଳକୁ ଘରକୁ ଆସି ଯାଇଥିଲେ। ପୁଅ ଦେହରୁ ବିଷ ଝାଡିବା ପାଇଁ ବନମାଳି ତାଙ୍କ ପୁରୁଣା ଘର ପାଖ ଏକ ମନ୍ଦିରରୁ ଝୁଣା, ଫୁଲଦାନୀ ଓ ସେଠାରୁ କିଛି ଲିମ୍ବ ପତ୍ର ଆଣିବାକୁ ଫୁଲମତିକୁ ପଠାଇଥିଲେ। ଫୁଲମତି ଗୁଣିଆ ପାଖରେ ପୁଅକୁ ଛାଡି ବନମାଳିଙ୍କ ବଡ ପୁଅ ତୋଟେନ ମାହାତ(୨୭)ଙ୍କ ସହ କିଛି ଦୂରରେ ଥିବା ଉକ୍ତ ମନ୍ଦିର ପାଖକୁ ଯାଇଥିଲେ। ଫୁଲମତି ତୋଟେନଙ୍କ ସହ ଯିବାର କିଛି ସମୟ ପରେ 'ଆଇଗୋ' ବୋଲି ଏକ ଚିତ୍କାର ଶୁଣିଥିବା ଗୁଣିଆ ବନମାଳି କହିଛନ୍ତି। ତେବେ ପୁଅ ତୋଟେନ ଓ ଫୁଲମତିଙ୍କ ଆସିବା ବିଳମ୍ବ ହେବାରୁ ବନମାଳି



ପ୍ରସନ୍ନଜିତ୍‌ଙ୍କୁ ସାଙ୍ଗରେ ଧରି ମହିଳାଙ୍କ ଘରକୁ ଯାଇ ଝଡାଫୁଙ୍କା କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ତୋଟେନ୍ ଓ ଫୁଲମତି ନ ଫେରିବାରୁ ପରିବାର ଲୋକେ ଗାଁ ସାରା ସେମାନଙ୍କୁ ଖୋଜାଖୋଜି କରଥିଲେ। ତେବେ କାହାରିକୁ ପାଇ ନ ଥିଲେ। ପରଦିନ ସକାଳେ ଉକ୍ତ ମନ୍ଦିର ପାଖରେ ଥିବା ଏକ ଛୋଟ ପୋଖରିରେ ଫୁଲମତିର ଶବ ଭାସୁଥିବା ବନମାଳି ଦେଖି ଗ୍ରାମର ଦୁଲାଲ ଓରାଓଙ୍କୁ ଜଣାଇଥିଲେ। ଦୁଲାଲ ପୋଲିସ ବିଭାଗରେ ଚାକିରି କରନ୍ତି। ପରେ ଦୁଲାଲ ଗାଁ ଲୋକଙ୍କୁ ଏ କଥା କହିଥିଲେ। ମହିଳାଙ୍କ ସ୍ୱାମୀ ସୁନିଲ ଏବଂ ଗାଁ ଲୋକେ ପୋଖରି ପାଖରେ ପହଞ୍ଚି ଫୁଲମତିଙ୍କ ଶବକୁ ଚିହ୍ନିଥିଲେ। ମୃତା ଫୁଲମତିଙ୍କର ୨ଟି ଯାକ ଆଖି ଆଘାତ ପାଇ ନଷ୍ଟ ହୋଇଯାଇଥିବା ବେଳେ କାନରୁ ରକ୍ତ ବାହାରୁଥିଲା। ସେ ପିନ୍ଧିଥିବା ବସ୍ତ୍ର ମଧ୍ୟ ଚିରି ଯାଇଥିଲା। ଅଭିଯୁକ୍ତ ତୋଟେନକୁ ଗ୍ରାମବାସୀ ଖୋଜା ଖୋଜି କରି ପାଇ ନ ଥିଲେ। ତୋଟେନ୍‌ର ସ୍ତ୍ରୀ ମଧ୍ୟ ତାଙ୍କୁ ଦେଖି ନ ଥିବା କହିଥିଲେ। ପୁଅ କେଉଁଆଡେ ଗଲା ସେ ସମ୍ପର୍କରେ କିଛି ଜାଣି ନ ଥିବା ବାପା ବନମାଳି କହିଥିବା ଥାନା ଅଧିକାରୀ ଏଫ୍ରେମ୍ କିରୋ କହିଛନ୍ତି। ମୃତ ମହିଳାଙ୍କର ଅନ୍ୟ ଗୋଟିଏ ୨୫ବର୍ଷର ଝିଅ ଓ ଦେଢ଼ ବର୍ଷର ଅନ୍ୟ ଏକ ଶିଶୁ କନ୍ୟା ରହିଛି। ସାପ କାମୁଡ଼ିଥିବା ପୁଅ ପ୍ରଶାନ୍ନଜିତ ଏବଂ ଦେଢ଼ବର୍ଷର ଗୋଟିଏ ଶିଶୁ କନ୍ୟା ଅଛି। ଶିଶୁ କନ୍ୟାଟି ମା' କ୍ଷୀର ନ ପାଇ ଅସୁବିଧାରେ ପଡୁଥିବା ବାପା ସୁନିଲ କହିଛନ୍ତି।

# ପୁଅକୁ ଧରି ଥାନାରେ ମହିଳା

କଟକ,୨୧।୯(ଇମିସ): ସମସ୍ତଙ୍କୁ ଛାଡ଼ି ଚାଲି ଆସିଥିଲି ୟା'ଙ୍କ ସାଙ୍ଗରେ। ତାଙ୍କ ଅସମୟରେ ମଧ୍ୟ ବାପଘରୁ ସମସ୍ତ ସହାୟତା ଆଣି ଦେଇଥିଲି। କିନ୍ତୁ ସବୁ ପାଣି ଫୋଟକା ପରି ମିଳେଇ ଗଲା। ପୁଅ ମୁହଁକୁ ଚାହିଁ ସବୁ ଶାରୀରିକ ଓ ମାନସିକ ନିର୍ଯାତନାକୁ ସହି ନେଉଥିଲି। ଆଶା ଥିଲା ସେ ବଦଳିଯିବେ। କିନ୍ତୁ ସେ ମୋ ପ୍ରତି ବିଶ୍ୱାସଘାତକତା କଲେ। ଏବେ ମୋ ସଂସାର ଭାସିଗଲା। ମତେ ଛାଡ଼ି ଅନ୍ୟ କାହା ସାଙ୍ଗେ ସେ .......? କାନ୍ଦିକାନ୍ଦି କହିଛନ୍ତି ସୌଭାଗିନୀ ବେହେରା(୨୬)। ୬ ବର୍ଷର ପୁଅକୁ ଧରି ମହିଳା ଥାନା ସମ୍ମୁଖରେ ଠିଆ ହୋଇଥିଲେ ସେ। ପୁଲିସ୍ ସାହାଯ୍ୟରେ ସ୍ୱାମୀଙ୍କୁ ଫେରାଇ ଆଣିବା ପାଇଁ ମହିଳା ଥାନାରେ ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ ଚୌଦ୍ୱାର ଥାନା ଅନ୍ତର୍ଗତ ଶାଳଗାଁର ସ୍ୱର୍ଗତ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କ ଝିଅ ସୌଭାଗିନୀ ବେହେରା ୨୦୦୬ ମସିହାରେ ମଙ୍ଗଳାବାଗ୍ ଥାନା ଅନ୍ତର୍ଗତ କଟକ ନୂଆପାଟଣାର ସ୍ୱର୍ଗତ ବଂଶୀଧର ବେହେରାଙ୍କ ପୁଅ ସୁବାସ ବେହେରାଙ୍କୁ ପ୍ରେମ ବିବାହ କରିଥିଲେ। ବିବାହକୁ ସୁବାସ ପରିବାର ବିରୋଧ କରୁଥିବାରୁ ଦୁହେଁ କଟକର ବିଭିନ୍ନ ସ୍ଥାନରେ ଭଡ଼ାରେ ରହିଥିଲେ। ବିବାହର ଦୁଇ ବର୍ଷ ପରେ ପୁଅ ଶୁଭମ୍ ଜନ୍ମ ହେଲା। ପୁଅ ଜନ୍ମ ହେବା ପରେ ଶାଶୂ ଉଲ୍ଲାସ ବେହେରା ଓ ନଣନ୍ଦ ସ୍ୱର୍ଣ୍ଣଲତା ବେହେରା ଅରୁଣୋଦୟନଗରସ୍ଥିତ ଭଡ଼ାଘରକୁ ଯିବା ଆସିବା କଲେ। ଶାଶୂ ଓ ନଣନ୍ଦଙ୍କ ପ୍ରରୋଚନାରେ ସୌଭାଗିନୀ ଉପରେ ଆରମ୍ଭ ହେଲା ଶାରୀରିକ ନିର୍ଯାତନା। କେତେବେଳେ ଯୌତୁକ ପାଇଁ ତ କେତେବେଳେ ଆଉ କିଛି ବାହାନା ଦେଖାଇ ସ୍ୱାମୀ ସୁବାସ ତାଙ୍କୁ ମାର୍ଧର କରୁଥିଲେ। ଅନେକ

## ସ୍ୱାମୀ ଫେରାର୍

ସମୟରେ ସୁବାସ ଜଣେ ଝିଅ ସହ ଫୋନ୍‌ରେ ଦୀର୍ଘ ସମୟ କଥା ହେଉଥିଲେ। ଏହାକୁ ବିରୋଧ କରିବାକୁ ସୌଭାଗିନୀଙ୍କ ଉପରେ ଶାରୀରିକ ନିର୍ଯାତନା ବଢ଼ି ଯାଇଥିଲା। ସୌଭାଗିନୀକୁ ଛାଡ଼ପତ୍ର ଦେଇ ଅନ୍ୟ କାହାକୁ ବାହାହେବା ପାଇଁ ଶାଶୂ ଓ ନଣନ୍ଦ ସୁବାସଙ୍କୁ ପ୍ରବର୍ତ୍ତାଉଥିଲେ ବୋଲି ସୌଭାଗିନୀ ଅଭିଯୋଗ କରିଛନ୍ତି। ଜଣେ ଝିଅ ସହ ସୁବାସଙ୍କର ପ୍ରେମ ସଂପର୍କ ଥିଲା ଓ ସଂପୃକ୍ତ ଝିଅକୁ ବିବାହ କରିବାକୁ ସୁବାସ ଚାହୁଁଥିଲେ ବୋଲି ସୌଭାଗିନୀ ପରବର୍ତ୍ତୀ ସମୟରେ ଜାଣିବାକୁ ପାଇଲେ। ଧୀରେ ଧୀରେ ତାଙ୍କ ଉପରେ ନିର୍ଯାତନା ବଢ଼ିଲା। ନିର୍ଯାତନା ବଢ଼ିବାରୁ ମାସେ ତଳେ ସୌଭାଗିନୀ ମହିଳା ଥାନାରେ ଅଭିଯୋଗ କରିଥିଲେ। ସୁବାସଙ୍କ ବଡ଼ଭାଇଙ୍କ ମାଧ୍ୟମରେ ଥାନାରେ ମାମଲାର ଆପୋସ ସମାଧାନ ହୋଇଥିଲା। କିନ୍ତୁ ଦୁଇଦିନ ପରେ ସୁବାସ ପୂର୍ବଭଳି ମାର୍ଧର ଆରମ୍ଭ କରିଥିଲେ। ଏବେ ୬/୭ ଦିନ ତଳେ ରାଣୀହାଟସ୍ଥିତ ଭଡା ଘରେ ପୁଅ ଶୁଭମ୍(୬) ଓ ସ୍ତ୍ରୀକୁ ଛାଡି ସୁବାସ କେଉଁଆଡେ ଫେରାର ହୋଇଯାଇଛନ୍ତି। ୬ଦିନ ହେଲା ଘରକୁ ଆସୁନାହାନ୍ତି। ଘରେ ଖାଇବାକୁ କିଛି ନାହିଁ। ଶଙ୍କରପୁର ସରସ୍ୱତୀ ଶିଶୁମନ୍ଦିରରେ ବୋଧ ଶ୍ରେଣୀରେ ପଢୁଥିବା ଶୁଭମ୍‌ର ସ୍କୁଲ ଯିବା ବନ୍ଦ। କେହି ଛାଡିବାକୁ ନାହାନ୍ତି। ଏପରି ଅବସ୍ଥାରେ ବ୍ୟସ୍ତ ହୋଇ ନ୍ୟାୟ ପାଇଁ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି ସୌଭାଗିନୀ। ଆଜି ଆଉ ଥରେ ଅଭିଯୋଗ ଲେଖି ଥାନାରେ ଦେଇଛନ୍ତି ସୌଭାଗିନୀ। ଅଭିଯୋଗକୁ ପୁଲିସ୍ ରଖିଛି ସତ ହେଲେ କେତେଦୂର କାର୍ଯ୍ୟାନୁଷ୍ଠାନ ହେବ ତାହାକୁ ନେଇ ଆଶଙ୍କା ରହିଛି। ଗୋଟିଏ ପଟେ ସୁବାସ ଓ ତାର ପରିବାରର ଭୟ ରହିଥିବା ବେଳେ ଅନ୍ୟ ପକ୍ଷରେ ଅଭାବ ଅସୁବିଧା ସୌଭାଗିନୀକୁ ଆତଙ୍କିତ କରୁଛି। ଅସହାୟ ପୁଅ ଶୁଭମ୍‌କୁ ଧରି ନିରାଶ୍ରୟା ସୌଭାଗିନୀ ଅପେକ୍ଷା କରିଛି ନ୍ୟାୟ ପାଇବାକୁ।

# ପତ୍ନୀଙ୍କୁ ମାଡ଼ ମାରି ଶିକ୍ଷକ ଗିରଫ

ଚଣ୍ଡିଖୋଲ,୨୨/୯(ଇମିସ): ପରକୀୟା ପ୍ରୀତି ଜଣେ ଶିକ୍ଷକଙ୍କ ପାଇଁ ମହଙ୍ଗା ପଡ଼ିଛି। ନିଜ ପତ୍ନୀଙ୍କୁ ରାଜ ରାସ୍ତାରେ ଉଲଗ୍ନ କରି ମାଡ଼ ମାରିବା ଅଭିଯୋଗରେ ଏହି ଶିକ୍ଷକ ଜଣକ ପୁଲିସ୍ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ ହେବା ଘଟନା ବଡ଼ଚଣା ଥାନା ଓ ଜେନାପୁର ଥାନା ଅଂଚଳରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।

ପ୍ରକାଶ ଯେ ଯାଜପୁର ଜିଲ୍ଲା ଜେନାପୁର ଥାନା ଅନ୍ତର୍ଗତ ସିଦ୍ଧାପାଳ ଗ୍ରାମର ତପନ ପ୍ରଧାନ(୩୭) ବାଲିସାହି ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି। ଏହା ପୂର୍ବରୁ ଗତ ୨୦୬ ମସିହାରେ କଳିଙ୍ଗନଗର ଥାନା ଅନ୍ତର୍ଗତ ରାଇଟିକର ଗ୍ରାମର ଇତିଶ୍ରୀକୁ ଶିକ୍ଷକ ତପନ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଏକ ସ୍କୁଲରେ ନିଯୁକ୍ତି ପାଇଥିବା ଜନୈକା ବିବାହିତା ମହିଳା କିରାଣୀଙ୍କ ସହିତ ତପନଙ୍କର ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ସ୍ୱାମୀଙ୍କ ଏହି ଚୋରା ପୀରତି ଖବର ପହଞ୍ଚି ଯାଇଥିଲା ପତ୍ନୀ ଇତିଶ୍ରୀଙ୍କ ପାଖରେ। ଇତିଶ୍ରୀ ଏହାର ବିରୋଧ କରିବାରୁ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳିଝଗଡ଼ା ଲାଗିଲା ଓ ଇତିଶ୍ରୀଙ୍କୁ ତପନ ମାରଧର କରିବା ନେଇ ସେତେବେଳେ ଅଭିଯୋଗ ଉଠାଇଥିଲେ ପତ୍ନୀ ଇତିଶ୍ରୀ। ତେବେ ଏହି ଘଟନା ସଂପର୍କରେ ଇତିଶ୍ରୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପାଖରେ ଅଭିଯୋଗ ଆଣିବା ପରେ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ମହିଳା କିରାଣୀଙ୍କୁ ଅନ୍ୟତ୍ର ବଦଳି କରିବା ସହିତ ତପନଙ୍କୁ ବରୀ ବ୍ଲକ୍ ଅନ୍ତର୍ଗତ ଗମ୍ଭୁ-କୃଷ୍ଣନଗର ଗ୍ରାମସ୍ଥିତ ଚନ୍ଦ୍ର ଶେଖର ହାଇସ୍କୁଲକୁ ବଦଳି କରି ଦେଇଥିଲେ। ହେଲେ ଏହି ବଦଳି ଦଣ୍ଡ ସେମାନଙ୍କ ଚୋରା ପୀରତିକୁ ବଦଳାଇ ପାରି ନ ଥିଲା। ଶିକ୍ଷକ ତପନ ସେହି ମହିଳା କିରାଣୀଙ୍କ ସହିତ ପୂର୍ବପରି ପ୍ରେମ ସଂପର୍କ ରଖି ଆସୁଥିଲେ। ସ୍ୱାମୀଙ୍କ ଆଚରଣ ପରିବର୍ତ୍ତନ ନ ହେବାରୁ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଏକରକମ ବିଚ୍ଛେଦ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ସବୁଥିରୁ ନିରାଶ ହେଲା ପରେ ପତ୍ନୀ ଇତିଶ୍ରୀ ଗତ ଜୁଲାଇ ମାସ ୨୦ ତାରିଖରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପାଖରେ ପହଞ୍ଚି ସ୍ୱାମୀଙ୍କ ବିରୋଧରେ ଅଭିଯୋଗ ଆଣିବା ସହିତ ତାଙ୍କ ଦରମାକୁ ଅଧାଭାଗ ଦାବି କରିଥିଲେ। ଏହି ଖବରଟି ସ୍ୱାମୀ ତପନଙ୍କ ପାଖରେ ପହଞ୍ଚିଯିବା ପରେ ସେ ପତ୍ନୀଙ୍କୁ ଉଚିତ୍ ଜବାବ ଦେବା ଲକ୍ଷ୍ୟ ନେଇ ସେଦିନ ଚଣ୍ଡିଖୋଲ ଛକଠାରେ ତପନ ଛପି ରହିଥିଲେ। ପତ୍ନୀ ଇତିଶ୍ରୀ ମଟର ସାଇକଲ ଯୋଗେ ନିଜ ଭାଇଙ୍କ ସହ ଆସୁଥିବା ବେଳେ ଉତ୍ୟକ୍ତ ତପନ ତାଙ୍କୁ ବିଚ ରାସ୍ତାରେ ମାଡ଼ମାରି ଲହୁଲୁହାଣ କରି ଦେଇଥିଲେ। ଏ ନେଇ ଇତିଶ୍ରୀ ଚଣ୍ଡିଖୋଲ କୋର୍ଟରେ ସ୍ୱାମୀଙ୍କ ନାମରେ ଏକ ଗୁରୁତର ଅଭିଯୋଗ ଆଣି ନ୍ୟାୟ ଭିକ୍ଷା କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ରାତିରେ ବଡ଼ଚଣା ପୁଲିସ୍ ଶିକ୍ଷକ ତପନ ପ୍ରଧାନଙ୍କୁ ତାଙ୍କ ନିଜ ଗ୍ରାମ ସିଦ୍ଧପୁର ଗ୍ରାମରୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ତେବେ ଜାମିନ୍ ଆବେଦନ ନାମଂଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ମହାରାଷ୍ଟ୍ରରୁ ଓଡ଼ିଶା ସର୍ଟ ଷ୍ଟେ ହୋମ୍

# ସବିତାଙ୍କୁ ହକ୍ ଦେବ କିଏ?

ଖଣ୍ଡଗିରି, ୨୨।୯ (ଇମିସ): ମହାରାଷ୍ଟ୍ରରୁ ଓଡ଼ିଶା। ହକ୍ ପାଇଁ ଏତେ ଲମ୍ବା ରାସ୍ତା ଧାଇଁ ଆସିଛନ୍ତି ସବିତା ବୈଦ୍ୟ(୪୫)। ସ୍ୱାମୀଙ୍କଠାରୁ ହକ୍ ପାଇବା ପାଇଁ ମହାରାଷ୍ଟ୍ରରୁ ଆସିଥିବା ସବିତା ଏବେ ରାଜଧାନୀ ଉପକଣ୍ଠ ଯାଁଳାସ୍ଥିତ ସର୍ଟ ଷ୍ଟେ ହୋମରେ ରହୁଛନ୍ତି। ପୁଲିସଠାରୁ ଆରମ୍ଭ କରି ମହିଳା କମିସନଙ୍କ ପର୍ଯ୍ୟନ୍ତ ସବୁଠିକୁ ଧାଇଁ ଧାଇଁ ସେ ନିରାଶ ହୋଇଛନ୍ତି। ହକ୍ ପାଇବାର ସମସ୍ତ ଆଶା ସତେ ଯେମିତି ମଉଳି ଯିବାରେ ଲାଗିଛି।

ସବିତାଙ୍କଠାରୁ ମିଳିଥିବା ଅଭିଯୋଗ ଅନୁସାରେ ସ୍ୱାମୀ ବିଜୟ ବୈଦ୍ୟ କେନ୍ଦ୍ର ସରକାରଙ୍କ ଖଦୀ ଏବଂ ଗ୍ରାମ୍ୟ ଶିଳ୍ପ ଉଦ୍ୟୋଗ କମିଶନରେ ଜଣେ କର୍ମଚାରୀ। ଭୁବନେଶ୍ୱର ଗଣ୍ଡମୁଣ୍ଡାସ୍ଥିତ କାର୍ଯ୍ୟାଳୟରେ ଏବେ ସେ ସୁପରଭାଇଜର୍‌ଭାବେ ଅବସ୍ଥାପିତ। ସବିତା ଓ ବିଜୟଙ୍କର ଏକମାତ୍ର ପୁଅ ପୁଷ୍କମ୍ ଏବେ ୪ର୍ଥ ଶ୍ରେଣୀର ଛାତ୍ର। ମାତ୍ର ବିଜୟ ଅହମ୍ମଦାବାଦରେ ଥିବାବେଳେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନାନ୍ତର ହୋଇଥିଲା। ମାମଲା କୋର୍ଟ କଚେରୀ ପର୍ଯ୍ୟନ୍ତ ଯାଇଥିଲା। ବିଜୟ ସବିତାଙ୍କୁ ଛାଡ଼ପତ୍ର ଦେବାକୁ କୋର୍ଟର ଆଶ୍ରୟ ନେଇଥିବାବେଳେ ସବିତା ତାଙ୍କ ସହ ରହିବାକୁ କୋର୍ଟଙ୍କୁ ଅନୁରୋଧ କରିଛନ୍ତି। ମାତ୍ର ମାମଲା ବିଚାରାଧୀନ ରହିଛି। ତେବେ ବିଜୟ ସବିତା ଓ ପୁଅ ପୁଷ୍କମ୍‌ଙ୍କୁ ମାସିକ ୪ ହଜାରଟଙ୍କା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର କିଛି ଦିନ ଏହି ଟଙ୍କା ଦେବା ପରେ ବିଜୟ ଲାଗିପଡ଼ି ଅହମ୍ମଦାବାଦରୁ ଓଡ଼ିଶା ବଦଳି ହୋଇ ଚାଲି ଆସିଲେ। ଏବେ ସେ ଆଉ ଜଣଙ୍କୁ ବିବାହ କରିଥିବା ସବିତା ଅଭିଯୋଗ କରିଛନ୍ତି। ଖବର ପାଇ ସବିତା ଗତ ଅଗଷ୍ଟ ୨୨ ତାରିଖରେ ଭୁବନେଶ୍ୱରରେ ପହଞ୍ଚି ବିଜୟଙ୍କୁ ଭେଟିବା ସହ ତାଙ୍କ ସହ ରହିବାକୁ ଜିଦ୍ କରିଥିଲେ। ଅଖାଡ଼ୁଆ ପରିସ୍ଥିତିରେ ପଡି ବିଜୟ ତାଙ୍କୁ ତାଙ୍କ କାର୍ଯ୍ୟାଳୟର ଗେଷ୍ଟ ହାଉସ୍‌ରେ ରଖିଥିଲେ। ମାତ୍ର ପରେ ସେ ଓ ତାଙ୍କ ଅଫିସର କିଛି କର୍ମଚାରୀ ମିଳିତଭାବେ ତାଙ୍କୁ ଗେଷ୍ଟ ହାଉସ୍‌ରୁ ତଡ଼ିବାକୁ ବସିଥିଲେ। ସବିତା ସେଠାରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଫଳରେ କଥା ଖଣ୍ଡଗିରି ପୁଲିସ ପର୍ଯ୍ୟନ୍ତ ଯାଇଥିଲା। ଶେଷରେ ଗତ ୮ ତାରିଖରେ ପୁଲିସ ଓ ଷ୍ଟେଟ୍ ଓ୍ୱମେନ୍ ଅର୍ଗାନାଇଜେସନ୍ ଫର୍ ରୁରାଲ୍



ଡେଭେଲପମେଣ୍ଟ (ସୋର୍ଡ)ର ସଦସ୍ୟାମାନଙ୍କ ସହାୟତାରେ ପୁଲିସ ସବିତାଙ୍କୁ ଉଦ୍ଧାର କରି ଯାଁଳାସ୍ଥିତ ସ୍ୱାଧାର ସର୍ଟ ଷ୍ଟେ ହୋମ୍‌ରେ ଛାଡ଼ିଥିଲେ। ତେବେ ଘଟଣାଦିନ ମହିଳା ସଂଗଠନର ସଦସ୍ୟାମାନଙ୍କ ଉପସ୍ଥିତିରେ ବିଜୟ ଏକ ଚୁକ୍ତିନାମା କରିଥିଲେ ଯେ, ସବିତା ଉକ୍ତ ସର୍ଟ ଷ୍ଟେ ହୋମ୍‌ରେ ୧୨ ତାରିଖ ପର୍ଯ୍ୟନ୍ତ ରହିବେ ଓ ତା'ପରେ ସେ ତାଙ୍କୁ ମହାରାଷ୍ଟ୍ର ନେବେ ଓ ମାମଲା କୋର୍ଟରୁ ଉଠାଇ ସବୁଦିନ ପାଇଁ ଏକାଠି ରହିବେ। ମାତ୍ର ଏବେ ଆଉ ବିଜୟ ଧରାଛୁଆଁ ଦେଉନାହାନ୍ତି। ଏମିତିକି ସେ ସେହିଦିନଠାରୁ ଆଉ ତାଙ୍କ ମୋବାଇଲ୍ ଫୋନ୍ ଉଠାଉନଥିବା ସବିତା ଅଭିଯୋଗ କରିଛନ୍ତି। ଏବେ ଉକ୍ତ ମହିଳା ସଂଗଠନକୁ ଛାଡ଼ିଦେଲେ ଓଡ଼ିଶାରେ ତାଙ୍କର ଆଉ କେହି ନାହିଁ ବୋଲି ସେ କହିଛନ୍ତି। ଏନେଇ ବିଜୟଙ୍କୁ ମୋବାଇଲ୍‌ରେ ଯୋଗାଯୋଗ କରିବାରୁ ସେ କହିଲେ ଯେ, ୩ଟି ମାମଲା କୋର୍ଟରେ ବଚାରଧୀନ ରହିଥିବାରୁ ସେ ଏବେ କିଛି କରିପାରିବେ ନାହିଁ। ଏହାଛଡ଼ା ସେ ସବିତାଙ୍କୁ ମାସିକ ୫ ହଜାର ଟଙ୍କା ଦେଉଛନ୍ତି ବୋଲି ଦାବି କରିଛନ୍ତି। ତେବେ ଏନେଇ ସୋର୍ଡର ସଦସ୍ୟା ମଧୁମିତା ରଥଙ୍କ ସହ ଯୋଗାଯୋଗ କରିବାରେ ସେ କହିଛନ୍ତି ଯେ ପ୍ରକୃତରେ ବିଜୟ ଓ ସବିତାଙ୍କ ମାମଲା କୋର୍ଟରେ ବିଚାରାଧୀନ ରହିଛି। ତେଣୁ ମହିଳା କମିସନ ହେଉ କି ମହିଳା ଥାନା ହେଉ କେହି ବି ତାଙ୍କୁ ସାହାଯ୍ୟ କରି ପାରୁନାହାନ୍ତି। ତେବେ ସେମାନଙ୍କ ସହ ହୋଇଥିବା ଚୁକ୍ତି ଅନୁସାରେ ଏବେ ବିଜୟ ସବିତାଙ୍କୁ ଯେପରି ନେବେ ତାହା ଉପରେ ପଦକ୍ଷେପ ନିଆଯାଉଛି ବୋଲି ଶ୍ରୀମତୀ ରଥ କହିଥିଲେ।

# ବିବାହ କରାଇଦେବାକୁ କହି ସଂପର୍କୀୟା ଭଉଣୀକୁ ଦୁଷ୍କର୍ମ

ଗୁଡ଼ଭେଲା, ୨୩।୯ (ଇମିସ): ନିଜ କକା ଝିଅ ଭଉଣୀକୁ ବିବାହ କରାଇ ଦେବାକୁ ଗାଁରୁ ନେଇଯାଇ ଜଣେ ଯୁବକ ଦୁଷ୍କର୍ମ କରିବା ଘଟନା ତୁଷରା ଥାନା କୁଲତାପଡ଼ା ଅଂଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଏ ନେଇ ପୀଡ଼ିତାଙ୍କ ବାପା ତୁଷରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ପୁଲିସ୍‌ର ସୂଚନା ଅନୁସାରେ ବଲାଙ୍ଗୀରରେ ରହୁଥିବା ନାରାୟଣ ରାଉତ ଓ ପତ୍ନୀ ନୀଳାଦ୍ରି ନୂଆଁଖାଇରେ ଗାଁକୁ ଆସିଥିଲେ। ଗତ ୧୨ ତାରିଖ ଦିନ ଫେରିବା ବେଳେ ନାରାୟଣ ଭଲ ପାତ୍ର ଦେଖି ବିବାହ କରାଇଦେବାକୁ କହି ନିଜ କକା ଝିଅ ଦୀପାଳି (୨୫) (ଛଦ୍ମନାମ)କୁ ସାଙ୍ଗରେ ବଲାଙ୍ଗୀର ନେଇଯାଇଥିଲା। ତେବେ ସେଠାରେ ନାରାୟଣ ବଳପୂର୍ବକ ଦୀପାଳିଙ୍କୁ ୩ ଦିନ ଧରି ଦୁଷ୍କର୍ମ କରିବା ସହ ପରେ ବରଗଡ଼ ଥାନା ଅନ୍ତର୍ଗତ କରୁଆଁ ଗାଁକୁ ନେଇ ସେଠାରେ ମଧ୍ୟ ଦୁଷ୍କର୍ମ କରିଥିଲା। ପୀଡ଼ିତାଙ୍କଠାରୁ କୌଣସି ପ୍ରକାରେ ଖବର ପାଇ ଘର ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରିବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ତୁଷରା ଥାନାରେ କେସ୍ ନଂ ୧୫୨ରେ ଉଭୟ ନାରାୟଣ ଓ ନୀଳାଦ୍ରି ନାଁରେ ଆଇପିସିର ଧାରା ୩୬୬, ୩୬୭ ଓ ୩୪ରେ ମାମଲା ରୁଜୁ କରାଯାଇଛି। ସୋମବାର ଉଭୟ ଅଭିଯୁକ୍ତ ଓ ପୀଡ଼ିତାଙ୍କୁ ଡାକ୍ତରୀମାଇନା ପାଇଁ ବଲାଙ୍ଗୀର ନିଆଯାଇଥିବା ପୁଲିସ ସୂଚନା ଦେଇଛି।

# ପତ୍ନୀଙ୍କୁ ପିଟିପିଟି ହତ୍ୟା

କାଳିଆପାଣି, ୨୭/୯(ଇମିସ): ଦୈତାରୀ ଥାନା ଓଡ଼ିଶା ଖଣି ନିଗମ ଲୌହ ଜୋନ୍ ଅନ୍ତର୍ଗତ ଦୈତାରୀ ଟାଉନସିପ୍‌ରେ ଗତକାଲି ଗୁରୁବାର ବିଳମ୍ବିତ ରାତିରେ ଏକ ଅଭାବନୀୟ କାଣ୍ଡ ଘଟିଛି। ୪ଟି ଛୁଆର ମା'ର ଚରିତ୍ରକୁ ସନ୍ଦେହକରି ମଦ୍ୟପ ସ୍ୱାମୀ ପତ୍ନୀଙ୍କୁ କାଠଫାଳିଆରେ ପିଟିପିଟି ହତ୍ୟା କରିଛି। ଛୋଟଛୋଟ ପିଲାମାନଙ୍କୁ ଧମକ ଚମକ ଦେଇ ପତ୍ନୀର ଶବକୁ ଆଜି ସଂଧ୍ୟା ପର୍ଯ୍ୟନ୍ତ ଲୁଚାଇ ରଖିବା ପରେ ଉପାୟହୀନ ଭାବେ ଘରଠାରୁ ମାତ୍ର ୨୫୦ ମିଟର ଦୂର ଥାନାରେ ଆତ୍ମସମର୍ପଣ କରିଛି।

ପ୍ରକାଶ ଯେ ଦୈତାରୀ ଓଏମସି ଗେଷ୍ଟହାଉସ୍ ପାଖ ଗଣେଶ ଛକ ନିକଟରେ ରହୁଥିବା ମହେଶ୍ୱର ମହାରଣାଙ୍କ ପୁଅ ମଦନ(୩୫) ଗୁରୁବାର ଦିନ ଆକଣ୍ଠ ମଦ୍ୟପାନ କରି ବିଳମ୍ବିତ ରାତିରେ ଘରକୁ ଫେରିଥିଲା। ଘରେ ପହଞ୍ଚି ପତ୍ନୀ ସୁମି(୩୦)ଙ୍କୁ ଗାଳିଗୁଲଜ କରିଥିଲା। ପତ୍ନୀ ଏହାକୁ ବିରୋଧ କରିବାରୁ ଘରେ ପଡ଼ିଥିବା ଏକ କାଠଫାଳିଆରେ ମନଇଛା ପିଟିଥିଲା। ଏତିକିବେଳେ ପତ୍ନୀ ମରି ପଡ଼ିଥିଲେ ମଧ୍ୟ ସେ ଜାଣିପାରିନଥିଲା। ଜାଣିଲା ବେଳକୁ ତା' ନିଶା ଉତୁରି ଯାଇଥିଲା। ଅପରପକ୍ଷରେ ବିଳମ୍ବିତ ରାତିରେ ଉଭୟଙ୍କ ଝଗଡ଼ା ଶୁଣିଥିବା ପଡ଼ୋଶୀମାନେ ସକାଳୁ ସୁମିଙ୍କୁ ନଦେଖି ସନ୍ଦେହ କରିଥିଲେ। ମଦନ ସକାଳୁ ଅସ୍ୱାଭାବିକ ଜଣାପଡୁଥିଲା। ପିଲାମାନେ ଭୋକ ଉପାସରେ ରହି ମା'ର ଶବ ପାଖରେ କାନ୍ଦୁଥିଲେ ମଧ୍ୟ କାହାକୁ କିଛି କହି ନଥିଲେ କି ଘରୁ ପଦାକୁ ବାହାରିନଥିଲେ। ଶେଷରେ ଅଭିଯୁକ୍ତ ମଦନ ଆଜି ସଂଧ୍ୟା ସାଢ଼େ ୫ଟା ବେଳେ ଥାନାରେ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଥିଲା। ପ୍ରକାଶଥାଉ କି ଦିନ ମଜୁରିଆ ଭାବେ କାମ କରୁଥିବା ମଦନ ୧୦ ବର୍ଷ ତଳେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଅର୍ଜୁନଚୁଆଁ ଗ୍ରାମର ଗୌରାଙ୍ଗ ମହାରଣା ଓ ସେଠାକାର ୱାର୍ଡମେମ୍ବର ଥିବା ସଚ୍ଚି ମହାରଣାଙ୍କ ଝିଅ ସୁମିଙ୍କୁ ବିବାହ କରିଥିଲା।

# ନୃଶଂସ ମରଦପଣ

**ହୃଦୟ ଦିବସରେ ତିନି ସ୍ୱାମୀଙ୍କ ହୃଦୟହୀନ କାଣ୍ଡ**

ଭୁବନେଶ୍ୱର,୨୯।୯(ଇମିସ): ଆଜି ସାରା ବିଶ୍ୱରେ ହୃଦୟ ଦିବସ ପାଳନ ହେଉଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ତିନି ଜଣ ସ୍ୱାମୀଙ୍କ ହୃଦୟହୀନ କାରନାମା ଆଲୋଡ଼ନ ଖେଳାଇ ଦେଇଛି। ଏହି ତିନି ଜଣ ସେମାନଙ୍କ ସ୍ତ୍ରୀମାନଙ୍କୁ ଅତ୍ୟନ୍ତ ନୃଶଂସ ଭାବେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଚରିତ୍ରକୁ ସନ୍ଦେହ କରି ଜଣେ ଯୁବକ ତାଙ୍କ ପତ୍ନୀଙ୍କ ଯୌନାଙ୍ଗକୁ ସିଲେଇ କରି ଦେଇଛନ୍ତି। ଅନ୍ୟ ଜଣେ ପତ୍ନୀର ବେକରେ ଛୁରି ଭୁସି ମରଣାନ୍ତକ ଆକ୍ରମଣ କରିଛନ୍ତି। ବେକରେ ଛୁରି ଲାଗି ରହିଥିବା ଅବସ୍ଥାରେ ମହିଳାଙ୍କୁ ଡାକ୍ତରଖାନାରେ ଭର୍ତି କରାଯାଇଛି। ତୃତୀୟ ଘଟଣାରେ କିରୋସିନ ଢାଳି ପତ୍ନୀଙ୍କୁ ହତ୍ୟା ଉଦ୍ୟମ କରିଛନ୍ତି ପତି। ଏହି ତିନି ଜଣ ମହିଳା ଏବେ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ୨ ଜଣ ଫେରାର ହୋଇ ଯାଇଛନ୍ତି।

## ଲଣ୍ଡା କରି ଯୌନାଙ୍ଗ ସିଲେଇ



'ଓଠରେ କାହିଁକି କଳାଯାଇ ରହିଛି? ଏହା ଭଲ ଚରିତ୍ରର ସ୍ତ୍ରୀର ଲକ୍ଷଣ ନୁହେଁ...' ଏଭଳି ସନ୍ଦେହ କରି ଖଣ୍ଡଗିରି ଥାନା ଜାଗମରା ଅଂଚଳର ଜଣେ ଯୁବକ ନିଜ ପତ୍ନୀଙ୍କୁ ନୃଶଂସ ନିର୍ଯ୍ୟାତନା ଦେଇଛି। ଓଠରେ ଥିବା କଳା ଯାଇକୁ ତତଲା ଲୁହା କଣ୍ଟାରେ ଚେଙ୍ଗ ଦେଇ ଲିଭାଇବାକୁ ଉଦ୍ୟମ କରିବା ସହ ମୁଣ୍ଡର କେଶକୁ ସଂପୂର୍ଣ ଲଣ୍ଡା କରି ଦେଇଛି। ଏତିକିରେ ବି ମନ ନ ମାନିବାରୁ ପତ୍ନୀଙ୍କ ଯୌନାଙ୍ଗକୁ ଛୁଞ୍ଚି ସୂତାରେ ସିଲେଇ କରି ଦେଇଛି ଏହି ଯୁବକ। ଗୁରୁତର ଅବସ୍ଥାରେ ଏହି ମହିଳାଙ୍କୁ ତାଙ୍କ ପରିବାର ଲୋକ ନେଇ ଡାକ୍ତରଖାନାରେ ଭର୍ତି କରିଛନ୍ତି। ଅଗ୍ନିକୁ ସାକ୍ଷୀ ରଖି ଯାହାର ହାତ ଧରିଥିଲେ ସେହି ସ୍ୱାମୀଙ୍କର ଏଭଳି ହୃଦୟହୀନ କାଣ୍ଡରେ ମାନସିକ ଭାରସାମ୍ୟ ହରାଇ ବସିଛନ୍ତି ମହିଳାଜଣକ। ଏ ନେଇ ମହିଳା ଥାନାରେ ଅଭିଯୋଗ ହେବା ପରେ ପୁଲିସ ତାଙ୍କ ପତି ➡ ୯

## କିରୋସିନ୍ ଢାଳି ଜିଅନ୍ତା ଜାଳିଦେବା ଉଦ୍ୟମ

ପତ୍ନୀଙ୍କୁ କିରୋସିନ୍ ଢାଳି ହତ୍ୟା ଉଦ୍ୟମ କରିଛି ଜଣେ ଯୁବକ। ଗୁରୁତର ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ କ୍ୟାପିଟାଲ୍ ଏବଂ ପରେ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତି କରାଯାଇଛି। ମହିଳାଙ୍କ ନାଁ ନୀଲମ୍ ବିଶ୍ୱାଳ। ଶାଶୁଘର ଖାରବେଳନଗର ଥାନା ଅଧୀନ ୟୁନିଟ-୩ରେ। ପୁଲିସ ମହିଳାଙ୍କ ସ୍ୱାମୀ ରଘୁକୁଳ ତିଳକ୍ ବିଶ୍ୱାଳ ଓରଫ୍ ମୁନୁ ଓ ତାଙ୍କ ମା' ଆରତୀ ବିଶ୍ୱାଳଙ୍କୁ ଗିରଫ କରିଛି। ଘର ସିଲ୍ କରି ପୁଲିସ ସାଇଣ୍ଟିଫିକ୍ ଟିମ୍ ସହିତ ତଦନ୍ତ ଆରମ୍ଭ କରିଛି।

ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ନୀଲମ୍ ତାଙ୍କ ଘରୁ ଚିତ୍କାର କରି ରାସ୍ତାକୁ ଦୌଡ଼ି ଆସିଥିଲେ। ସେତେବେଳ ସେ ଅର୍ଧ ଉଲଗ୍ନ ଅବସ୍ଥାରେ ଜଳି ଜଳି ବଞ୍ଚାଅ ବଞ୍ଚାଅ ବୋଲି ଡାକ ପକାଇଥିଲେ। ନିକଟରେ ରହୁଥିବା ଅଭିନେତା ତଥା ସାଂସଦ ସିଦ୍ଧାନ୍ତ ମହାପାତ୍ର ଏବଂ ତାଙ୍କ ପତ୍ନୀ ମାମା ଘରୁ ଏକ ଲୁଗା ଆଣି ତାଙ୍କ ଘୋଡ଼ାଇ ପକାଇବା ସହିତ ନୀଲମ୍‌ଙ୍କୁ ନିଜ ଘର ଭିତରକୁ ନେଇ ଯାଇଥିଲେ। ଏନେଇ ଆମ୍ବୁଲାନ୍ସ ଏବଂ ପୁଲିସକୁ ➡ ୯

## ବେକରେ ଛୁରି



ଆଜି ସକାଳ ପ୍ରାୟ ୬ଟା ବେଳେ ଖଣ୍ଡଗିରି ଥାନା ଅଧୀନ ଭରତପୁର ବସ୍ତିରେ ଜଣେ ମହିଳାଙ୍କୁ ତାଙ୍କ ପତି ଛୁରି ଭୁସି ହତ୍ୟା ଉଦ୍ୟମ କରିଛନ୍ତି। ମହିଳାଙ୍କ ନାଁ ସୁନି ବେହେରା। ଘର ଖଣ୍ଡଗିରି ଥାନା ଭରତପୁର ବସ୍ତିରେ। ଆକ୍ରମଣ କରିଥିବା ପତି ହେଲେ ସନ୍ତୋଷ ବେହେରା। ଘଟଣା ପରେ ସନ୍ତୋଷ ଫେରାର ହୋଇ ଯାଇଛନ୍ତି। ଗୁରୁତର ଅବସ୍ଥାରେ ସୁନିଙ୍କୁ ପ୍ରଥମେ କ୍ୟାପିଟାଲ୍ ହସ୍ପିଟାଲ୍ ଏବଂ ପରେ ➡ ୯

# ଲଣ୍ଡା କରି ଯୌନାଙ୍ଗ ସିଲେଇ...

ରଂଜନ ପଣ୍ଡା ଓରଫ୍ କୁନିକୁ ଗିରଫ କରିଛି। ଜାଗମରା ମଲ୍ଲିକ କମ୍ପ୍ଲେକ୍ସ ପ୍ଲଟ୍ ନମ୍ବର୫୬୧/୩୧୨୧ରେ ରହୁଥିବା ରଂଜନକୁ ସଂଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି।

ଗତ ୨୦୦୫ ମସିହା ସେପ୍ଟେମ୍ବର ମାସ ୫ ତାରିଖରେ ରଂଜନଙ୍କ ବିବାହ ଦେବକୀ(ଛଦ୍ମନାମ)ଙ୍କ ସହ ହୋଇଥିଲା। ବିବାହର ଗୋଟିଏ ବର୍ଷ ପରେ ଦେବକୀଙ୍କ ଉପରେ ରଂଜନଙ୍କର ସନ୍ଦେହ ହୋଇଥିଲା। ଅନ୍ୟ ଯୁବକମାନଙ୍କ ସହିତ ତାଙ୍କର ଶାରିରୀକ ସମ୍ପର୍କ ଅଛି ବୋଲି ସନ୍ଦେହ କରି ନାହା କଥା କହୁଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିଭିନ୍ନ ସମୟରେ ପାଟିତୁଣ୍ଡ ହେଉଥିଲା। ୨୦୧୨ ମସିହାରେ ଏ ନେଇ ଦେବକୀ ମହିଳାଥାନାରେ ଅଭିଯୋଗ କରିଥିଲେ। ପୁଲିସ ଉଭୟ ପକ୍ଷଙ୍କୁ ଥାନାକୁ ଡକାଇ ଆପୋସ ସମାଧାନ କରିଥିଲା। ୪ ମାସ ତଳେ ଦେବକୀ ନିଜ ବାପ ଘର ନଖରାର ଆମଣପଡ଼ାକୁ ଯାଇଥିଲେ। ଗତ ଦୁଇ ସପ୍ତାହ ହେବ ସେ ଜାଗମରା ଫେରିଥିଲେ। କିନ୍ତୁ ଘରକୁ ଫେରିବା ପରେ ସେହି ସମାନ ଅଭିଯୋଗ କରି ପତି ରଂଜନ ତାଙ୍କୁ ପ୍ରବଳ ମାଡ଼ ମାରୁଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ତାଙ୍କ ହାତର ଶୀରା କାଟି ଦେଇଥିଲେ। ମୁଣ୍ଡକୁ କାନ୍ଥରେ ପିଟିପିଟି ବିଭିନ୍ନ ସ୍ଥାନରେ କ୍ଷତ କରିଥିଲେ। ତେବେ ୪ ଦିନ ତଳେ ତାଙ୍କ ନୃସଂଶତା ବଢ଼ି ଯାଇଥିଲା। ସେହି ଦିନ ରାତିରେ ମେଡିକାଲ୍ ଯାଇ ଏକ ସିଲେଇ ସୂତା, ଛୁଞ୍ଚି, ଗଜ୍ କପଡ଼ା, ତୁଳା, ଡେଟଲ୍ ଆଦି ଆଣିଥିଲେ। ଦେବକୀଙ୍କ ଯୌନାଙ୍ଗକୁ ସିଲେଇ କରିବାକୁ ବାଧ୍ୟ କରିଥିଲେ। ତେବେ ଦେବକୀ ଏହାକୁ ବିରୋଧ କରିଥିଲେ।

ପୁଲିସରେ ହୋଇଥିବା ଅଭିଯୋଗ ଅନୁସାରେ ଗତକାଲି ରାତିରେ ତାଙ୍କୁ କିଛି ବଟିକା ଜବରଦସ୍ତ ଖାଇବାକୁ ଦେଇଥିଲେ ରଂଜନ। ବଟିକା ଖାଇବା ପରେ ଦେବକୀ ବେହୋସ୍ ହୋଇପଡ଼ିଥିଲେ। ସକାଳୁ ଉଠି ଦେଖିଥିଲେ ତାଙ୍କ ଯୌନାଙ୍ଗରେ ୪ଟି ସିଲେଇ ହୋଇଛି। ଓଠରେ ଥିବା କଳା ଜାଇକୁ ପୋଡି ଦିଆ ଯାଇଛି। ମୁଣ୍ଡ ଚୁଟିକୁ ମଧ୍ୟ ଲଣ୍ଡା କରାଯାଇଛି। ଏ ନେଇ ଦେବକୀ ପ୍ରତିବାଦ କରିବାରୁ ଏକ ଭଙ୍ଗା ଟ୍ୟୁବ୍ ଲାଇଟ୍ ଆଣି


ଗିରଫ ରଂଜନ ପଣ୍ଡା: ବିବାହ ବେଳର ଫଟୋ

ତାଙ୍କ ପେଟରେ ଭୁସି ଦେଇଥିଲେ ରଂଜନ। ଦେବକୀ ରକ୍ତ ଜୁଡୁବୁଡୁ ହୋଇ ଯିବାରୁ ତାଙ୍କ ଦିଅର ପ୍ରକାଶ, ଶାଶୂ ସରୋଜିନୀ ୟୁନିଟ୍-୬ ଗଙ୍ଗାନଗରଠାରେ ଥିବା ଏକ କ୍ଲିନିକ୍‌କୁ ନେଇ ଯାଇଥିଲେ। ଯୌନାଙ୍ଗ ଏବଂ ତଳି ପେଟରୁ ପ୍ରବଳ ରକ୍ତସ୍ରାବ ହେବା କାରଣରୁ ଦେବକୀଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହୋଇପଡିଥିଲା। କ୍ଲିନିକ୍‌ରେ ଚିକିତ୍ସା ଅସମ୍ଭବ ବୋଲି କର୍ତ୍ତୃପକ୍ଷ କହିବା ପରେ ଦୁହେଁ ଦେବକୀଙ୍କୁ ରାସ୍ତା ଉପରେ ଛାଡ଼ି ପଳାଇଥିଲେ। ଦେବକୀ କ୍ଲିନିକ୍‌ର ଜଣେ ନର୍ସଙ୍କ ମୋବାଇଲ୍ ଫୋନ୍‌ରେ ନିଜ ଭାଇ ମୋହନ ମିଶ୍ରଙ୍କୁ ନିଜ ଅବସ୍ଥା କଥା ଜଣାଇଥିଲେ। ସେ ଏକ ଅଟୋ ଯୋଗେ ଭୁବନେଶ୍ୱରରେ ପହଞ୍ଚି ତାଙ୍କୁ ହାଇଟେକ୍ ହସ୍ପିଟାଲ୍‌ରେ ଭର୍ତି କରିଛନ୍ତି।

# କିରୋସିନ୍ ଢାଳି ଜିଅନ୍ତା ଜାଳିଦେବା ...

ଖବର ଦେଇଥିଲେ। ଖବର ପାଇ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ନୀଲମ୍‌ଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍ ନେଇଥିଲା। ନୀଲମ୍‌ଙ୍କ ଶରୀରର ସମ୍ମୁଖ ଭାଗ ସଂପୂର୍ଣ ପୋଡି ଯାଇଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତି କରାଯାଇଛି।

ଅନ୍ୟପକ୍ଷରେ ପୁଲିସ ସୂଚନା ଦେଇଛି ଯେ ଦେଓଗଡ଼ ଖପରସାହିର ନୀଲମ୍ ଦେଢ଼ ବର୍ଷ ତଳେ ମୁନୁଙ୍କୁ ବିବାହ କରିଥିଲେ। ବିବାହ ପରେ ମୁନୁ ଏବଂ ତାଙ୍କ ମାଁ ନୀଲମ୍‌ଙ୍କୁ ନିର୍ଯାତନା ଦେଉଥିଲେ। ଗତ କିଛି ଦିନ ହେବ ଏ ନେଇ ନୀଲମ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟବସାୟୀଙ୍କୁ ମଧ୍ୟ ଜଣାଇଥିଲେ। ପଚରା ଉଚରା ବେଳେ



ଦେଇଥିଲେ। ପୁଲିସ ଘଟଣାସ୍ଥଳରୁ ଏକ ଲଣ୍ଠନ, କିରାସିନ୍ ଜାର, ଦିଆସିଲି ଆଦି ଜବତ କରିଛି। ଖବର ପାଇ ନୀଲମ୍‌ଙ୍କ

# ବେକରେ ଛୁରି...

କଟକ ବଡ଼ ମେଡିକାଲ୍‌କୁ ପଠାଇ ଦିଆଯାଇଛି । ମହିଳାଙ୍କୁ ଉଦ୍ଧାର କରିଥିବା ଜଣେ ସମ୍ପର୍କୀୟ କହିଛନ୍ତି ଆଜି ଭୋର୍‌ରୁ ଦୁହିଁଙ୍କ ମଧ୍ୟରେ ଭୀଷଣ ଝଗଡ଼ା ଲାଗିଥିଲା । ହଠାତ୍ ଏଥିରେ ଉତ୍‌କ୍ଷିପ୍ତ ହୋଇ ଏକ ପରିବା କଟା ଛୁରୀ ଆଣି ସୁନିଙ୍କ ବେକରେ ଭୁସି ଦେଇଥିଲେ । ରକ୍ତାକ୍ତ ଅବସ୍ଥାରେ ସୁନି ଛଟପଟ ହେଉଥିବାବେଳେ ସନ୍ତୋଷ ଫେରାର୍ ହୋଇ ଯାଇଥିଲେ । ସୁନୀଙ୍କ ପଡୋଶୀମାନେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ଆଣିଥିଲେ । ଛୁରିଟି ବେକରେ ପଶି ରହିଥିଲା । ଛୁରୀ କାଢ଼ି ଦେଲେ ସୁନିଙ୍କ ଅବସ୍ଥା ଅଧିକ ଜଟିଳ ହେବାର ଆଶଙ୍କା କରି କ୍ୟାପିଟାଲ୍ ହସ୍ପିଟାଲ୍ କର୍ତ୍ତୃପକ୍ଷ ତାଙ୍କୁ କଟକ ବଡ଼ ମେଡିକାଲ୍‌କୁ ପଠାଇଥିଲେ ।

ତେବେ ପତ୍ନୀଙ୍କୁ ଏଭଳି ଆକ୍ରମଣ କରିବାର କାରଣ ସନ୍ଦେହ ବୋଲି ପଡୋଶୀ ସୂଚନା ଦେଇଛନ୍ତି । ଏ ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସ ଏଯାଏ ଆକ୍ରମଣକାରୀ ପତି ସନ୍ତୋଷଙ୍କୁ ଗିରଫ କରିବାକୁ ସକ୍ଷମ ହୋଇ ପାରିନାହିଁ ।

---

# ପ୍ରେମିକାକୁ ଗର୍ଭବତୀ କରି ଛୁ

ବଳଙ୍ଗା,୧୨।୯(ଇମିସ):ପ୍ରଥମେ ପ୍ରେମ, ପରେ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସଂପର୍କ । ଆଉ ପ୍ରେମିକା ଜଣଙ୍କ ୪ ମାସର ଗର୍ଭବତୀ ହେବା ଜାଣି ତାଙ୍କୁ ପ୍ରତାରଣା କରି ପ୍ରେମିକ ଛୁ ମାରିବା ଘଟଣା ଏବେ ଏଠାରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । କେବଳ ସେତିକି ନୁହେଁ, ପ୍ରେମିକା ଜଣକ ପ୍ରେମିକର ଘରେ ପହଞ୍ଚି ପ୍ରେମ ଚିଠି ଓ ଯୁଗଳ ଫଟୋ ଦେଖାଇ ସେମାନଙ୍କ ମଧ୍ୟରେ ଥିବା ନିବିଡ଼ ସଂପର୍କକୁ ପ୍ରମାଣିତ କରିବାକୁ ଚେଷ୍ଟା କରିବା ବେଳେ ପ୍ରେମିକର ପରିବାର ଲୋକଙ୍କ ଠାରୁ ମାଡ଼ଗାଳି ଖାଇ ଫେରିବା ଘଟଣା ଏବେ ବଳଙ୍ଗା ଥାନାରେ ପହଞ୍ଚିଛି । ପୁଲିସ ଏନେଇ କେସ ରୁଜୁ କରିବା ସହ ତଥାକଥିତ ପ୍ରେମିକର ଭିଣୋଇଙ୍କୁ ବାନ୍ଧି ଆଜି କୋର୍ଟ ଚାଲାଣ କରିଛି ।

## ଭିଣୋଇ ବନ୍ଧା ହେଲେ

ବିଚରା ପ୍ରେମିକା ଏବେ ନ୍ୟାୟ ଅପେକ୍ଷାରେ ଥାନାକୁ ଦୌଡ଼ୁଛି । ଏମିତି ଏକ ଘଟଣାଘଟିଛି ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ଡାଙ୍ଗୁରା ଗାଁରେ ।

ସୂଚନା ମୁତାବକ ଗୋପ ଥାନା ଅନ୍ତର୍ଗତ ଆଲୋଇ ଗାଁର ସନ୍ତୋଷ ମହାନ୍ତି(୨୫) ନିଜ ଭଉଣୀଘର ବଳଙ୍ଗା ଥାନା ଅଧୀନସ୍ଥ ଡାଙ୍ଗୁରା ଗାଁକୁ ନିୟମିତ ଯିବା ଆସିବା ସହ ଭଉଣୀଙ୍କ ୨୩ ବର୍ଷିୟା ପଡ଼ୋଶୀ ରୁବି(ଛଦ୍ମନାମ)ଙ୍କୁ ପ୍ରେମ କରୁଥିଲେ । ପରେ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ରୁବିଙ୍କ ସହ ଶାରୀରିକ ସଂପର୍କ ରଖିଥିଲେ । ତେବେ ରୁବି ୪ ମାସରି ଗର୍ଭବତୀ ହେବା ଜାଣି ଗତ କିଛି ଦିନ ସନ୍ତୋଷ ତାଙ୍କୁ ଗର୍ଭପାତ କରାଇବାକୁ ଉଦ୍ୟମ କରିଥିଲେ । କିନ୍ତୁ ରୁବି ଏଥିରେ ଅରାଜି ହେବାରୁ ସନ୍ତୋଷ ଭୟରେ ଫେରାର ହୋଇଯାଇଛନ୍ତି । ଏଣେ ଉପାୟ ନ ପାଇ ରୁବି ଗତକାଲି ପ୍ରେମିକ ସନ୍ତୋଷଙ୍କ ଘରକୁ ଯାଇ ତାଙ୍କ ପରିବାର ଲୋକଙ୍କୁ ଏ ସମସ୍ତ ଘଟଣା କହିବା ସହ ପ୍ରମାଣ ବି ଦେଇଥିଲେ । ମାତ୍ର ସନ୍ତୋଷଙ୍କ ପରିବାର ଲୋକେ ସମବେଦନା ଜଣାଇବା ପରିବର୍ତ୍ତେ ରୁବିଙ୍କୁ ମାଡ଼ଗାଳି ଦେଇ ଘରୁ ତଡ଼ିଦେଇଥିବା ନେଇ ରୁବି ବଳଙ୍ଗା ଥାନାରେ ଏତଲା ଦେଇଛନ୍ତି ।

### ବାଲ୍ୟ ବିବାହକୁ ବିରୋଧ କରିବାରୁ

# ଦିଲ୍ଲୀରେ ଓଡ଼ିଆ ଯୁବତୀଙ୍କୁ ଆକ୍ରମଣ



ଆଇସିୟୁରେ ଲିଙ୍କନ

ନୂଆଦିଲ୍ଲୀ, ୨୧/୯ (ଇମିସ): ବାଲ୍ୟ ବିବାହକୁ ବିରୋଧ କରିବାକୁ ଯାଇ ନୋଏଡାଠାରେ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି ଜଣେ ଓଡ଼ିଆ ଯୁବତୀ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଏକ ହସ୍‌ପିଟାଲରେ ଭର୍ତି କରାଯାଇଛି। ଏହି ମାମଲାରେ ଜଣେ ମହିଳାଙ୍କୁ ଗିରଫ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛି।

ଏହି ଓଡ଼ିଆ ଯୁବତୀ ହେଉଛନ୍ତି ଲିଙ୍କନ ସୁବୁଦ୍ଧି (୨୯ ବର୍ଷ)। ଜଣେ ସଫ୍‌ଟୱେୟାର ଇଂଜିନିୟର ହୋଇଥିଲେ ବି 'ଏଡ୍ ଇଣ୍ଡିଆ' ନାମକ ଏକ ଏନ୍‌ଜିଓରେ କାର୍ଯ୍ୟରତ। ଦୀର୍ଘ ୫ ବର୍ଷ ଧରି ସେକ୍ଟର ୧୬ ସ୍ଥିତ ଜେଜେ କଲୋନୀରେ ମହିଳା ଶିକ୍ଷିକା ରୂପେ କାର୍ଯ୍ୟ କରିବା ସହ ସେ ବାଲ୍ୟ ବିବାହ ବିରୋଧରେ ଅଭିଯାନ ଚଳାଇ ଆସୁଛନ୍ତି। ଗତ ଗୁରୁବାର ଦିନ ଜେଜେ କଲୋନୀରୁ ରେଶ୍‌ମା (ଛଦ୍ମନାମ)ଙ୍କ ଏକ ଫୋନ କଲ୍ ଆସିଲା ଲିଙ୍କନଙ୍କ ପାଖକୁ। ରେଶ୍‌ମାଙ୍କ ମା' ସାମିଦା ଖାତୁନ୍ ତାଙ୍କର ଜଣେ ସମ୍ପର୍କୀୟ ଭାଇ ଅମିର ରଜାଙ୍କ ସହିତ ତାଙ୍କର ବିବାହ କରାଇ ଦେବା ପାଇଁ ଯୋଜନା କରୁଛନ୍ତି ବୋଲି । ଖବର ପାଇବା ପରେ ସେକ୍ଟର ୧୬ର ଜେଜେ କଲୋନୀ ରେଶ୍‌ମାଙ୍କ ଘରକୁ ଯାଇଥିଲେ ଲିଙ୍କନ। ରେଶ୍‌ମାଙ୍କ ମାଆ ଓ ସମ୍ପର୍କୀୟ ଭାଇଙ୍କୁ ବାଲ୍ୟ ବିବାହକରୁ ନିବୃତ୍ତ ରହିବା ପାଇଁ ସେ ପରାମର୍ଶ ଦେଇଥିଲେ। ରେଶମା ନାବାଳିକା ଅଛି, ଶିକ୍ଷାଗ୍ରହଣ କରିବାର ଉଦ୍ୟମ ଜାରି

➥ ୯

# ଦିଲ୍ଲୀରେ ଓଡ଼ିଆ ...



ରଖିଥିବା ବେଳେ ଏଭଳି ପ୍ରୟାସ କରାଯିବା ଉଚିତ ନୁହେଁ ବୋଲି ସେ ବୁଝାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ରେଶ୍‌ମାଙ୍କ ମା' ଓ ଭାଇ କ୍ଷୁବ୍ଧ ହୋଇ ମିଳିତ ଭାବେ ଲିଙ୍କନଙ୍କୁ ଛୁରୀ ଓ ଇଟା ଦ୍ୱାରା ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଲିଙ୍କନଙ୍କ ଶରୀରରେ ଗଭୀର କ୍ଷତ ହେବା ସହ ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ହତ୍ୟା କରିବା ପାଇଁ ଉଦ୍ୟମ କରାଯାଉଥିବା ବେଳେ ଜେଜେ କଲୋନୀର କିଛି ବ୍ୟକ୍ତି ଲିଙ୍କନଙ୍କୁ ଉଦ୍ଧାର କରି ନିକଟସ୍ଥ କୈଳାଶ ହସ୍‌ପିଟାଲକୁ ନେଇଥିଲେ। ସେଠାରେ ତାଙ୍କ ମୁଣ୍ଡରେ ୪୦ଟି ଷ୍ଟିଚ୍ ପଡ଼ିବା ସହ ତାଙ୍କୁ ଆଇସିୟୁରେ ଭର୍ତି କରାଯାଇଛି। ଏବେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ ଅଛି। ୭ ଦିନ ପର୍ଯ୍ୟନ୍ତ ଆଇସିୟୁ ଅବଜରଭେସନ୍‌ରେ ରଖାଯିବ ବୋଲି ଡାକ୍ତର କହିଛନ୍ତି।

ଇତିମଧ୍ୟରେ ଅଭିଯୁକ୍ତମାନଙ୍କ ବିରୋଧରେ ୩୦୮ ଦଫାରେ ମାମଲା ରୁଜୁ କରାଯାଇ ରେଶମାଙ୍କ ମା'ଙ୍କୁ ଗିରଫ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ଅମିର ରଜା ଫେରାର ଅଛି।

ଲିଙ୍କନ ପ୍ରତିରକ୍ଷା ବିଭାଗର ଅବସରପ୍ରାପ୍ତ କର୍ମଚାରୀ ରାଜକିଶୋର ସୁବୁଦ୍ଧିଙ୍କର ଝିଅ। ଘର ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଅଞ୍ଚଳରେ। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଲିଙ୍କନ୍‌ଙ୍କ ପରିବାର ପକ୍ଷରୁ ଦାବି କରାଯାଇଛି।

# ପାହାଡ଼ ଉପରେ ୩ଦିନ ଧରି ଗଣଦୁଷ୍କର୍ମ

ତିଗିରିଆ, ୧୦।୯ (ଇମିସ): ଜଣେ ନାବାଳିକା ସହିତ ପାହାଡ ଉପରେ ଲଗାତର ତିନି ଦିନ ଧରି ୬ ଜଣ ଦୁର୍ବୃତ୍ତ ଗଣଦୁଷ୍କର୍ମ କରିଛନ୍ତି। ତିଗିରିଆ ଥାନା ବିନ୍ଧାଣିମା ଗାଁର ଜଣେ ନାବାଳିକା ଏମିତି ଏକ ଚାଞ୍ଚଲ୍ୟକର ଲୋମହର୍ଷକ ଘଟଣାର ଶିକାର ହୋଇଛି। ପାହାଡ଼ ଉପରେ ଥିବା ଏକ ପରିତ୍ୟକ୍ତ କୁଡ଼ିଆରେ ନାବାଳିକାକୁ ରଖି ୬ଜଣ ଯୁବକ ତା' ସହିତ ଗଣଦୁଷ୍କର୍ମ କରିଛନ୍ତି। ଗ୍ରାମବାସୀଙ୍କ ସହଯୋଗରେ ପାହାଡ଼ ଉପରୁ ଉଦ୍ଧାର ପାଇଥିବା ନାବାଳିକା ଜଣକ ଘଟଣା ସଂପର୍କରେ ତିଗିରିଆ ଥାନାରେ ଅଭିଯୋଗ କରିବା ପରେ ଘଟଣାକୁ ନେଇ ତିଗିରିଆ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତିଗିରିଆ

**ନାବାଳିକାର ଅଭିଯୋଗ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ, ୫ ଫେରାର**

➥ ୯

# ପାହାଡ଼ ଉପରେ ...

ପୁଲିସ ପୀଡ଼ିତାଙ୍କ ଅଭିଯୋଗକୁ ଭିତ୍ତି କରି ତାଙ୍କ ପ୍ରେମିକ କୁହାଯାଉଥିବା ମୁଖ୍ୟ ଅଭିଯୁକ୍ତ ବିନ୍ଧାଣିମା ଗ୍ରାମର ଲିଟୁ ବେହେରାକୁ ଅଟକ ରଖିଛି ।

ସୂଚନା ଅନୁଯାୟୀ ତିଗିରିଆ ଅଞ୍ଚଳର ନାବାଳିକା ରୁବିନା ( ଛଦ୍ମନାମ, ୧୬)ଙ୍କ ସହ ସେହି ଗ୍ରାମର ଲିଟୁ ବେହେରାଙ୍କ ପ୍ରେମ ସଂପର୍କ ଥିଲା । ଗତ ୬ ତାରିଖ ରାତି ପ୍ରାୟ ୮ଟା ବେଳେ ଲିଟୁର ଦୁଇ ସହଯୋଗୀ ଅମୁ ସାହୁ, ସମୀର ବେହେରା ପୀଡ଼ିତାଙ୍କ ଘରେ ପହଞ୍ଚି ପ୍ରେମିକ ଲିଟୁ ଡାକୁଥିବା କହି ରୁବିନାକୁ ଏକ ବାଇକ୍‌ରେ ବସାଇ ନେଇଥିଲେ । ସେମାନେ ସେ ଦିନ ରାତିରେ ରୁବିନାକୁ ନେଇ ମାନପୁର ନିକଟସ୍ଥ କୁମାରିଙ୍ଗୀ ପାହାଡ଼ ଉପରେ ଥିବା ଏକ ପରିତ୍ୟକ୍ତ କୁଡ଼ିଆ ଘରେ ରଖିଥିଲେ ।

ଲିଟୁଆର ପୂର୍ବ ଯୋଜନା ମୁତାବକ, ପାହାଡ଼ ଉପରେ ତା'ର ଦୁଇ ସହଯୋଗୀ ମାନପୁର ଗ୍ରାମର ପ୍ରକାଶ ରାଉତ, କାଳିଆ ଦଳେଇ, ବାବୁଲି ସେନାପତି ଏମାନଙ୍କ ସହ ସାମିଲ ହୋଇଥିଲେ । କିନ୍ତୁ ନାବାଳିକା ଜଣକ ତା'ର ପ୍ରେମିକ ଲିଟୁକୁ ପାହାଡ଼ ଉପରେ ନ ପାଇ ଡରି ଯାଇଥିଲା । ଲିଟୁର ୫ଜଣ ସହଯୋଗୀଙ୍କୁ ନାବାଳିକା ଲିଟୁ ସଂପର୍କରେ ପଚାରିଥିଲା । ତେବେ ସେ ଆସୁଛି କହି ଦୁର୍ବୃତ୍ତମାନେ ତା'କୁ ଅପେକ୍ଷା କରିବାକୁ କହିଥିଲେ । ସେ ଦିନ ରାତିରେ ନାବାଳିକାକୁ ଘରୁ ବାଇକ୍‌ରେ ଆଣିଥିବା ଦୁଇ ଅଭିଯୁକ୍ତ ପ୍ରଥମେ ତା' ସହ ଦୁଷ୍କର୍ମ କରିଥିଲେ । ନାବାଳିକା ଏହାର ପ୍ରତିବାଦ କରିବାରୁ ତାକୁ ସେଠାରେ ମାରି ଫିଙ୍ଗିଦେବା ପାଇଁ ଧମକ ଦିଆଯାଇଥିଲା । ଜଣକ ପରେ ଜଣେ ରାତି ତମାମ ନାବାଳିକା ସହ ଦୁଷ୍କର୍ମ କରିବା ସହ ତାକୁ ଶାରୀରିକ ନିର୍ଯାତନା ଦେଇଥିଲେ । ଶେଷରେ ସବୁ ଯୋଜନାର ମୂଳସୂତ୍ରଧର ଲିଟୁ ଏଠାରେ ପହଞ୍ଚି ନାବାଳିକା ପ୍ରେମିକା ସହ ଦୁଷ୍କର୍ମ କରିଥିଲା । ତିନି ଦିନ ଧରି ନାବାଳିକାକୁ କୁମାରିଙ୍ଗୀ ପାହାଡ ଉପରେ ରଖା ଯାଇ ୯ ତାରିଖ ସକାଳ ପର୍ଯ୍ୟନ୍ତ ଦୁଷ୍କର୍ମ କରାଯାଇଥିଲା । ଗଣେଶ ପୂଜା ଦିନ ମାନପୁର ଗ୍ରାମର କିଛି ଲୋକ ନାବାଳିକାକୁ ପାହାଡ ଉପରେ ଏକା ବୁଲୁଥିବା ଦେଖି ପଚରା ଉଚରା କରିବା ପରେ ଘଟଣା ସଂପର୍କରେ ଅବଗତ ହୋଇଥିଲେ । ଏ ନେଇ ଗ୍ରାମବାସୀ ତୁରନ୍ତ ନାବାଳିକାର ପରିବାର ଓ ତିଗିରିଆ ଥାନାକୁ ଜଣାଇଥିଲେ । ଆଜି ନାବାଳିକା ଏ ସଂପର୍କରେ ତିଗିରିଆ ଥାନାରେ ଅଭିଯୋଗ କରିବା ପରେ ଏ ନେଇ ପୁଲିସ ଏକ ମାମଲା ରୁଜୁ କରିଛି । ତିଗିରିଆ ଥାନା ଅଧିକାରୀ ତପନ କୁମାର ରାଉତ, ଆଠଗଡ଼ ଡିଏସ୍‌ପି କୃତୀବାସ ଜେନା, ସାଇଣ୍ଟିଫିକ୍ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

ପୁଲିସ୍ କହିବା ଅନୁଯାୟୀ ଅଭିଯୁକ୍ତମାନେ ତିନି ଦିନ କାଳ ନାବାଳିକାକୁ ଖାଇବା ପାଇଁ କେବଳ ଜଳଖିଆ ଓ ପିଇବାକୁ ପାଣି ଦେଉଥିଲେ । ତେବେ ୯ ତାରିଖ ସକାଳେ ଖାଦ୍ୟ ଆଣିବାକୁ କହି ଫେରାର ହୋଇଯାଇଥିଲେ । ନାବାଳିକା ଅଭିଯୁକ୍ତମାନଙ୍କୁ ଖୋଜୁଥିବା ବେଳେ ଗ୍ରାମବାସୀ ତାଙ୍କୁ ଦେଖିଥିଲେ । ଅଟକ ଲିଟୁ ଜଣେ ଟ୍ରାକ୍ଟର ଚାଳକ । ତା' ଗାଡ଼ିରେ ଅମୁ ଓ ସମୀର ଶ୍ରମିକ ଭାବେ କାର୍ଯ୍ୟ କରନ୍ତି । ଲିଟୁକୁ ପୁଲିସ ଅଟକ ରଖି ଜେରା କରୁଛି । ଏ ନେଇ ତିଗିରିଆ ଥାନାରେ ଅଭିଯୋଗ (ନଂ ୮୭/୧୩) ହେବା ପରେ ଦଫା ୩୪୨, ୩୬୩, ୩୬୬(ଏ), ୩୭୬(ଡି) ସହ ଧାରା ୪୦ଏଫ୍ (ପ୍ରୋଟେକସନ୍ ଅଫ୍ ଚିଲଡ୍ରେନ୍ ସେକ୍ସୁଆଲ ଅଫେନ୍ସ୍-୨୦୧୨) ମାମଲା ରୁଜୁ ହୋଇଛି ।

# ସେବାଶ୍ରମ ଛାତ୍ରୀଙ୍କୁ ଦୁଷ୍କର୍ମ

## ଅଭିଯୁକ୍ତକୁ ମାଡ଼ ମାରି ଜୋତାମାଳ ପିନ୍ଧାଇଲେ ଗ୍ରାମବାସୀ

ଚମ୍ପୁଆ, ୧୨।୯(ଇମିସ): ଚମ୍ପୁଆ ଥାନା ଧୋବାକୁଚିତା ସେବାଶ୍ରମରେ ପାଠ ପଢୁଥିବା ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ପ୍ରତି ଦୁଷ୍କର୍ମ ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସେବାଶ୍ରମରେ ରହୁଥିବା ରୋଷେୟାଙ୍କ ସ୍ୱାମୀ ଘାସିନାଥ ନାଏକ ନିଶାସକ୍ତ ଅବସ୍ଥାରେ ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିବା ବେଳେ ଉତ୍ୟକ୍ତ ଗ୍ରାମବାସୀ ଅଭିଯୁକ୍ତକୁ ନିସ୍ତୁକ ମାଡ ମାରି ତାକୁ ଜୋତାମାଳ ପିନ୍ଧାଇଛନ୍ତି।

ଅଭିଯୋଗ ଅନୁଯାୟୀ, ସେବାଶ୍ରମ ପରିସରରେ ରୋଷେୟା ଉଲୁପି ନାଏକ ଓ ତାଙ୍କ ସ୍ୱାମୀ ଘାସିନାଥ ଦୀର୍ଘଦିନରୁ ରହୁଛନ୍ତି। ଗତ ୧୦ ତାରିଖ ବିଳମ୍ବିତ ରାତିରେ ରୋଷେୟାଙ୍କ ସ୍ୱାମୀ ଘାସିନାଥ (୪୫) ନିଶାସକ୍ତ ଅବସ୍ଥାରେ ଛାତ୍ରୀମାନେ ଶୋଇଥିବା କୋଠରୀରେ ପଶି ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିଲା। ପରଦିନ ସକାଳେ ଛାତ୍ରୀମାନେ ଏ ସଂପର୍କରେ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଙ୍କୁ କହିବାରୁ ପ୍ରଧାନଶିକ୍ଷକ ଆସିଲେ ବିଚାର କରିବେ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଛାତ୍ରୀର ପିତା ଆଜି ରିମୁଳି



ଫାଣ୍ଡିରେ ଅଭିଯୋଗ କରିଥିଲେ। ଆଜି ପ୍ରଧାନଶିକ୍ଷକ ଲକ୍ଷ୍ମଣ ଦାସ ଆସିବା ପରେ ଶିକ୍ଷା କମିଟି ବୈଠକ ଡକାଇଥିଲେ। ଦୁଷ୍କର୍ମକାରୀ ଘାସିନାଥ ନାଏକ ଓ ରୋଷେୟା ଉଲୁପି ନାଏକଙ୍କୁ ସେବାଶ୍ରମରୁ ବହିଷ୍କାର କରାଗଲା ବୋଲି ପ୍ରଧାନ ଶିକ୍ଷକ ଗ୍ରାମବାସୀଙ୍କୁ କହିଥିଲେ। ତେବେ ଏଭଳି ଏକ ସମ୍ବେଦନଶୀଳ ଘଟଣା ସଂପର୍କରେ ପ୍ରଧାନଶିକ୍ଷକ ବିଭାଗୀୟ ଅଧିକାରୀ ଓ ପୋଲିସକୁ ନଜଣାଇ ଏକତରଫା ନିଷ୍ପତ୍ତି ନେବାକୁ ଗ୍ରାମବାସୀ ଗ୍ରହଣ କରିନଥିଲେ। ଉତ୍ୟକ୍ତ ଗ୍ରାମବାସୀ ଆଜି ବଳାତ୍କାରୀ ଘାସିନାଥଙ୍କୁ ନିସ୍ତୁକ ମାଡ ମାରିବା ସହ ଜୋତାମାଳ ପିନ୍ଧାଇ ଅଟକ ରଖିଥିଲେ। ଏହି ଘଟଣାରେ ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଓ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବଲେରୋ ଗାଡ଼ି ଭିତରେ ଛାତ୍ରୀଙ୍କୁ ଦୁଷ୍କର୍ମ

## ଅଭିଯୁକ୍ତକୁ ପୁଲିସ ଛାଡି ଦେଲା, ଏସ୍‌ପିଙ୍କୁ ଘେରିଲେ ଗ୍ରାମବାସୀ

କେନ୍ଦୁଝର, ୧୭।୯(ଇମିସ): ବାଂଶପାଳ ବ୍ଲକ ନୟାକୋଟ ଥାନା ତଳବିରିକଳା ଗ୍ରାମରେ ଜଣେ ଭୂୟାଁ ଆଦିବାସୀ ଛାତ୍ରୀଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତକୁ ଗିରଫ ଦାବିରେ ଆଜି ଶତାଧିକ ଗ୍ରାମବାସୀ କେନ୍ଦୁଝର ଏସ୍‌ପି କବିତା ଜଲାନ୍‌ଙ୍କୁ ଭେଟିଛନ୍ତି। ଗତକାଲି ରାତିରେ ତଳବିରିକଳା ମଧ୍ୟ ଇଂରାଜୀ ବିଦ୍ୟାଳୟର ସ୍ୱଳ୍ପବ୍ୟୟ ହଷ୍ଟେଲ୍‌ରେ ରହୁଥିବା ୩ ଜଣ ଛାତ୍ରୀଙ୍କୁ ଧରି ସ୍କୁଲ୍‌ର ପିଅନ ଭଞ୍ଜ ମଣ୍ଡଳ (୩୮) ବାଂଶପାଳ ହାଟପଡିଆକୁ ଅପେରା ଦେଖାଇବାକୁ ଆଣିଥିଲେ। ଅପେରା ଦେଖୁଥିବା ସମୟରେ କାଜଲ୍ (ଛଦ୍ମନାମ) ନାମକ ଜଣେ ଛାତ୍ରୀ ବାହାରକୁ ପରିସ୍ରା କରିବାକୁ ଆସିଥିଲେ। ଏହି ସମୟରେ ବିରିକଳା ଗ୍ରାମର ଜଣେ ମଦ୍ୟପ ଯୁବକ ସନ୍ତୋଷ ପଲେଇ ଉକ୍ତ ଛାତ୍ରୀଙ୍କୁ ଟେକି ନେଇ ଏକ ବଲେରୋ ଗାଡିରେ ବଳାତ୍କାର କରିଥିଲା। ଛାତ୍ରୀର ଚିତ୍କାର ଶୁଣି ଅପେରା କମିଟିର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଙ୍କୁ ଉଦ୍ଧାର କରିବା ସହିତ ଅଭିଯୁକ୍ତ ସନ୍ତୋଷକୁ ଉତ୍ତମ ମଧ୍ୟମ ଦେଇ ପୋଲିସ ଜିମା ଦେଇଥିଲେ। ଶୁଆକାଟୀ ଫାଣ୍ଡି ପୋଲିସ ସନ୍ତୋଷକୁ ଅଟକ ରଖିବା ପରେ ଛାଡି ଦେଇଥିଲେ। ବଟି ପାଇ ପୋଲିସ ଅଭିଯୁକ୍ତକୁ ଛାଡି ଦେଇଥିବା ଅଭିଯୋଗ କରି ଉତ୍ୟକ୍ତ ଗ୍ରାମବାସୀ ଆଜି ରାତି ୮ଟାରେ କେନ୍ଦୁଝର ଆସି ଏସ୍‌ପି କବିତା ଜଲାନଙ୍କୁ ଭେଟିଥିଲେ। ତୁରନ୍ତ ଅଭିଯୁକ୍ତକୁ ଗିରଫ କରିବା ସହିତ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରୁଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶତାଧିକ ଗ୍ରାମବାସୀଙ୍କ ସହିତ ଭୂୟାଁ ସାଂସ୍କୃତିକ ସଂଗଠନର କର୍ମକର୍ତ୍ତାମାନେ ଏସ୍‌ପିଙ୍କ ନିକଟରେ ଦାବି କରିଥିବା ଜଣାପଡିଛି। ଅଭିଯୁକ୍ତ ଯୁବକ ଶାସକ ଦଳର ଜଣେ ପ୍ରଭାବଶାଳୀ ନେତାଙ୍କ ପୁତ୍ର ହୋଇଥିବାରୁ ପୋଲିସ ତାଙ୍କୁ ଘଣ୍ଟ ଘୋଡାଉଛି ବୋଲି ଭୂୟାଁ ସାଂସ୍କୃତିକ ସଂଗଠନର ସଂପାଦକ ଶ୍ୟାମ ସୁନ୍ଦର ନାଏକ, ପ୍ରଦୀପ ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି।

## ବଣ୍ଡା ଛାତ୍ରଛାତ୍ରୀଙ୍କୁ ଦିଆଯାଉନି ମଧ୍ୟାହ୍ନ ଭୋଜନ

# ଦଳେ ଖାଉଛନ୍ତି, ଦଳେ ଦେଖୁଛନ୍ତି



ଖଇରପୁଟ, ୧୯/୯(ଇମିସ): ଗଣଶିକ୍ଷା ବିଭାଗର ଅଜବ ବ୍ୟବସ୍ଥା। ମଙ୍ଗଳ ବିଭାଗ ବିଦ୍ୟାଳୟରୁ ସ୍ଥାନାନ୍ତର ହୋଇ ଆସିଥିବା ପିଲାଙ୍କୁ ମିଳୁନି ମଧ୍ୟାହ୍ନ ଭୋଜନ। ଦଳେ ପିଲା ଖାଉଥିବା ବେଳେ ବଣ୍ଡା ଜନଜାତି ସଂପ୍ରଦାୟର ୯୦ଜଣ ପିଲା ଚାହିଁ ରହୁଛନ୍ତି। ଏଭଳି ଚରମ ଅବବ୍ୟସ୍ଥା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ଖଇରପୁଟ ଉଚ୍ଚ ବିଦ୍ୟାଳୟରେ। ୨ ମାସ ହେଲା ଏଭଳି ବଣ୍ଡା ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନରୁ ଦୂରେଇ ରଖାଯାଇଛି। ୧୦ ଦିନ ପୂର୍ବରୁ ଗଣଶିକ୍ଷା ସଚିବ ଉଷା ପାଢ଼ୀ ଏହି ବିଦ୍ୟାଳୟକୁ ଯାଇଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ, ଛାତ୍ରଛାତ୍ରୀ ନା ଅଭିଭାବକ କେହିବି ସଚିବଙ୍କ ନଜରକୁ ଆଣି ନ ଥିଲେ। ତେବେ ଏହି ବିଷୟ ପଦାକୁ ଆସିବା ପରେ ବଣ୍ଡା ଛାତ୍ରଛାତ୍ରୀଙ୍କ ପ୍ରତି କରାଯାଉଥିବା ଅବିଚାର ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ମୁଦୁଲିପଡାର କନ୍ୟାଶ୍ରମ ଓ ବାଳକ ଉଚ୍ଚ ବିଦ୍ୟାଳୟରୁ ୯୦ ଜଣ ଛାତ୍ରଛାତ୍ରୀ ଖଇରପୁଟ ସ୍କୁଲକୁ ସ୍ଥାନାନ୍ତରିତ ହୋଇ ଆସିଛନ୍ତି। ଏମାନଙ୍କ ମଧ୍ୟରୁ କନ୍ୟାଶ୍ରମର ୩୮ ଜଣ ଛାତ୍ରୀ ଥିବା ବେଳେ ବାଳକ ଉଚ୍ଚ ବିଦ୍ୟାଳୟର ୫୨ ଜଣ ଛାତ୍ରଛାତ୍ରୀ ଅଛନ୍ତି। ଏମାନେ ଗତ ଜୁନ୍ ୧୬ରୁ ସ୍କୁଲ ଖୋଲିବା ଦିନଠାରୁ ମଧ୍ୟାହ୍ନ ଭୋଜନ ପାଇବାରୁ ବଞ୍ଚିତ ହୋଇଥିବା ଜଣାପଡିଛି। ଏ ସମ୍ପର୍କରେ ପିଲାମାନେ ମଙ୍ଗଳବାର ଦିନ ଖଇରପୁଟ ବିଡିଓଙ୍କ ପାଖକୁ ଯାଇଥିଲେ। ବିଡିଓ ଅନୁପସ୍ଥିତ ଥିବାରୁ ଖଇରପୁଟ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଘ୍ନ କିର୍ଷାନୀଙ୍କୁ ଗୁହାରି କରିଥିଲେ। ପୂର୍ବରୁ ୨ ମାସ ହେଲା ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଉଚ୍ଚ ପଦାଧିକାରୀଙ୍କୁ ଏ ବିଷୟରେ ଅବଗତ କରାଯାଇଥିଲେ ମଧ୍ୟ କିଛି ପଦକ୍ଷେପ ନିଆଯାଇ ନଥିବା ପିଲାମାନେ କହିଛନ୍ତି। ଅଭିଯୋଗ ହେବା ପରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମୁଦୁଲିପଡାଠାରେ ଉପସ୍ଥିତ ଥିବା ଉଭୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଡକାଇ ଆଲୋଚନା କରିଥିଲେ। ଖଇରପୁଟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୀତାରାମ ସ୍ୱାଇଁଙ୍କ ଉପସ୍ଥିତିରେ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଆମ ପ୍ରତିନିଧି ଏହି ସମସ୍ୟା ବିଷୟରେ ତଥ୍ୟ ସଂଗ୍ରହ କରିବାକୁ ଖଇରପୁଟ ବିଦ୍ୟାଳୟକୁ ଯାଇଥିଲେ। ଏହି ସମୟରେ ବିଦ୍ୟାଳୟର ପିଲାମାନେ ମଧ୍ୟାହ୍ନ ଭୋଜନ ଖାଉ ଥିବା ବେଳେ ଏଠାକୁ ସ୍ଥାନାନ୍ତରିତ ହୋଇ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉ ନ ଥିବା ଦେଖିଥିଲେ। ବଣ୍ଡାଘାଟି ବାଳକ ବିଦ୍ୟାଳୟର ଛାତ୍ରମାନେ ପୁରୁଣା ବ୍ଲକ ଅଫିସଠାରେ ଛାତ୍ରାବାସକୁ ଯାଇ ବଞ୍ଚାଇ ରଖିଥିବା ସକାଳର ଖାଦ୍ୟକୁ ଖାଉଥିଲେ। ଅନ୍ୟପଟେ କନ୍ୟାଶ୍ରମର ଛାତ୍ରୀମାନେ ଅତି ବିକଳ ହୋଇ ସ୍କୁଲ ପାଣି କଳରୁ ଖାଲି ପେଟରେ ପାଣି ପିଇ ସ୍କୁଲ ପରିସରରେ ବସି ରହି ଅନ୍ୟ ପିଲାମାନେ ମଧ୍ୟାହ୍ନ ଭୋଜନ ଖାଉଥିବା ଦେଖୁଥିଲେ। ପ୍ରତିନିଧି ଏ ବିଷୟରେ ସେମାନଙ୍କୁ ପଚାରିବାରୁ ଏହି ଛାତ୍ରୀମାନେ କହିଲେ, ଏଠାରେ ଆମ ମଧ୍ୟାହ୍ନ ଭୋଜନ ବୁଝିବାକୁ କେହି ଦାୟିତ୍ୱରେ ନ ଥିବାରୁ ଆମେ ଏହି ଦଶା ଭୋଗୁଛୁ। ଏପରିସ୍ଥଳେ, ସ୍କୁଲର ପ୍ରଧାନ ଶିକ୍ଷକ ଓ ବଣ୍ଡା ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ସନ୍ତୋଷ କୁମାର ରଥ ପରସ୍ପର ଉପରେ ଦୋଷ ଲଦୁଥିବା ଜଣାପଡିଛି।

କିଛି ଦିନ ତଳେ ଗଣଶିକ୍ଷା ସଚିବ ଉଷା ପାଢ଼ୀ ଏହି ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ସଚିବଙ୍କୁ ତ କେହି ଜଣାଇଲେ ନାହିଁ, କି ପିଲାମାନଙ୍କୁ ମଧ୍ୟ ସେମାନଙ୍କ ସମସ୍ୟା ସଂପର୍କରେ ଜଣାଇବାକୁ ସୁଯୋଗ ଦେଲେନି।

ଗୋଟିଏ ସ୍କୁଲରେ କିଛି ପିଲା ମଧ୍ୟାହ୍ନ ଭୋଜନ ଖାଉଥିବା ବେଳେ ଆଉ କିଛି ପିଲା ଏଥିରୁ ବଞ୍ଚିତ ହେଉଥିବା ସାଧାରଣ ଲୋକ ଗ୍ରହଣ କରିପାରୁ ନ ଥିବା ଜଣାପଡିଛି। ବଞ୍ଚିତ ହେଉଥିବା ପିଲାମାନଙ୍କ ମନରେ ଏ ନେଇ ବିଦ୍ୱେଷ ଭାବ ନିଶ୍ଚିତ ସୃଷ୍ଟି ହେଉଥିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ଏହି ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ହଷ୍ଟେଲରେ ରହୁଥିବା ବେଳେ ହଷ୍ଟେଲରେ ଓ୍ୱାର୍ଡେନ ନ ଥିବା ଜଣାପଡିଛି। କେତେବେଳେ କିଛି ଅଘଟଣ ନ ଘଟିବ ବୋଲି ମଧ୍ୟ କହି ହେଉ ନାହିଁ। ବିଦ୍ୟାଳୟର ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ କେବଳ କାଗଜ କଲମରେ ଚାଲୁଥିବା ଜଣାପଡିଛି।

ସୂଚନା ଅନୁସାରେ, ବଣ୍ଡାଘାଟି ଅଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ମୁଦୁଲିପଡ଼ାଠାରେ କନ୍ୟାଶ୍ରମ ଓ ଉଚ୍ଚ ବାଳକ ବିଦ୍ୟାଳୟ ଗଢ଼ି ଉଠିଥିଲା। ଉଭୟ ବିଦ୍ୟାଳୟ ପରିଚାଳନା ଦାୟିତ୍ୱ ବଣ୍ଡା ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ସନ୍ତୋଷ କୁମାର ରଥଙ୍କୁ ଦିଆ ଯାଇଥିଲା। ପ୍ରାୟ ଦୁଇ ବର୍ଷ ଆଗରୁ ଉକ୍ତ ବିଦ୍ୟାଳୟର ଅଷ୍ଟମ, ନବମ ଓ ଦଶମ ଛାତ୍ରଛାତ୍ରୀମାନଙ୍କୁ ଉନ୍ନତ ମାନର ଶିକ୍ଷାଦାନ ନିମନ୍ତେ ଖଇରପୁଟ ବିଦ୍ୟାଳୟ ସ୍ଥାନାନ୍ତରୀତ କରାଯାଇଥିଲା। ତତ୍କାଳୀନ ଜିଲ୍ଲାପାଳ ବଳବନ୍ତ ସିଂଙ୍କ ନିର୍ଦ୍ଦେଶ ଅନୁସାରେ ଏହି ପଦକ୍ଷେପ ନିଆଯାଇଥିଲା। । ପରବର୍ତ୍ତୀ ସମୟରେ ଶ୍ରୀ ରଥ ଡବ୍ଲୁଇଓ ଭାବେ ମାଲକାନଗିରିରେ ନିଯୁକ୍ତି ପାଇଥିଲେ ମଧ୍ୟ ପୂର୍ବ ଦାୟିତ୍ୱ ସମ୍ପନ୍ନ କରି ଆସୁଛନ୍ତି। ସ୍ଥାନାନ୍ତରିତ ହୋଇଥିବା ଉକ୍ତ ବଣ୍ଡା ପିଲାମାନଙ୍କ ମୂଳ ସ୍କୁଲର ୨ ପ୍ରଧାନ ଶିକ୍ଷକ ମୁଦୁଲିପଡ଼ାଠାରେ ରହୁଥିଲେ ମଧ୍ୟ ସରକାରୀ ଭାବେ ତାଙ୍କୁ ଏ ପିଲାମାନଙ୍କ ଦାୟିତ୍ୱ ଦିଆ ଯାଇ ନ ଥିବା ସେମାନେ ଦର୍ଶାଇ ଆସୁଛନ୍ତି।

# ନାବାଳିକାର ଗର୍ଭପାତ କରାଇ ଯୁବକ ଫେରାର୍

## ଗୁରୁତର ଅବସ୍ଥାରେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି

ଭୁବନେଶ୍ୱର,୧୯।୯(ଇମିସ): ନାବାଳିକା ସହ ପ୍ରେମ ସମ୍ପର୍କ ରଖିବା ପରେ ସେ ଗର୍ଭବତୀ ହେବା ଓ ପରେ ଗର୍ଭପାତ କାରଣରୁ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ନାବାଳିକା ଜଣକ ଗୁରୁତର ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ନାବାଳିକା କ୍ୟାପିଟାଲ୍ ହସ୍ପିଟାଲ୍‌ର ସ୍ତ୍ରୀ ଏବଂ ପ୍ରସୂତି ବିଭାଗରେ ଭର୍ତ୍ତି ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛି। ଏ ନେଇ ମହିଳା ଥାନାରେ ଅଭିଯୋଗ ହେବା ପରେ ପୁଲିସ ସଂପୃକ୍ତ ଯୁବକର ବାପାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସଂପୃକ୍ତ ଯୁବକ ଜଣକ ଏବେ ଫେରାର ହୋଇଯାଇଛନ୍ତି। ଘଟଣା ଘଟିଛି ମଞ୍ଚେଶ୍ୱର ଥାନା ଅଧୀନ କଳାରାହାଙ୍ଗ ପଞ୍ଚାୟତର ପଦ୍ମକେଶରୀପୁର ଗାଁରେ।

ନାବାଳିକାର ଜଣେ ସମ୍ପର୍କୀୟଙ୍କ କହିବା ଅନୁଯାୟୀ ସେହି ଗାଁର ସହଦେବ ଦାସ ନାମକ ଜଣେ ଯୁବକ ଆମ ଝିଅକୁ ପ୍ରେମ କରିଥିଲା। ଆମ ଜାତିରେ ଯିଏ ଯାହାକୁ ପ୍ରେମ କରେ ଦୁହେଁ ବିବାହ କରିଥାନ୍ତି। ଏଥିପାଇଁ ଗତ ମାର୍ଚ୍ଚ ମାସରେ ଆମ ଗାଁର ମୁରବୀ, ଓ୍ୱାର୍ଡମେମ୍ବର ଏବଂ ଦୁଇ ପରିବାରର ସଦସ୍ୟ ଏକାଠି ବସି ଦୁହିଁଙ୍କ ବିବାହ ପାଇଁ ନିର୍ବନ୍ଧ କରିଥିଲୁ। ଆମ ଜାତିର ନିୟମ ଅନୁଯାୟୀ ନିର୍ବନ୍ଧ ପରେ ଦୁହେଁ ଏକାଠିବସା ଉଠା କଲେ। ୪ ମାସ ପରେ ଝିଅ ଗର୍ଭବତୀ ଥିବା ଘଟଣା ଜଣାପଡିଥିଲା। ଝିଅର ପରିବାର ଲୋକ ଦୁହିଁଙ୍କ ବିଭାଘର ପାଇଁ କହିଥିଲେ। କିନ୍ତୁ ସହଦେବର ମାଁ ରାଜି ହୋଇ ନ ଥିଲେ। ଗତ ସୋମବାର ସକାଳୁ ଝିଅକୁ ଘରକୁ ଡ଼ାକି ନେଇ ଏକ ଔଷଧ ଖାଇବାକୁ ଦେଇଥିଲେ। ଔଷଧ ଖାଇବାର ୨୪ ଘଣ୍ଟା ପରେ ଝିଅର ପ୍ରଚୁର ରକ୍ତସ୍ରାବ ହୋଇଥିଲା। ବେଳକୁ ବେଳ ଝିଅ ଦୁର୍ବଳ ହୋଇ ପଡିବା ସହ ବେହୋସ ହୋଇ ପଡିଥିଲା। ପରିବାର ଲୋକ ଅଟୋରେ ଝିଅକୁ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରିଛନ୍ତି। ଏବେ ସୁଦ୍ଧା ଝିଅକୁ ୪ରୁ ଅଧିକ ରକ୍ତ ଦିଆ ସରିଲାଣି ବୋଲି ସେ କହିଛନ୍ତି।

ଏ ନେଇ ଗତକାଲି ନାବାଳିକାର ପରିବାର ଲୋକ ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ସହଦେବର ବାପା ଗୁରୁଦେବ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ପକ୍ଷରୁ କୁହାଯାଇଛି ଝିଅଟି ନାବାଳିକା ନୁହେଁ। ଦୁହିଁଙ୍କ ନିର୍ବନ୍ଧ ହୋଇ ସାରିଥିଲା। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ଉ ଆରମ୍ଭ କରିଛି ବୋଲି ମହିଳା ଥାନାର ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି।

# ଝିଅକୁ ପୋଡ଼ି ମାରିଲେ ବାପା-ମା'

ବାଲିଅନ୍ତା, ୨୦।୯ (ଇମିସ) : ଆସିଥିଲେ ଝିଅକୁ ମନାଇ ଘରକୁ ଫେରାଇ ନେବେ। ମାତ୍ର ସଫଳ ହୋଇ ନଥିଲେ ବାପା-ମା'। ବିଫଳ ହୋଇ ଫେରିବା ପୂର୍ବରୁ କିରୋସିନି ଢାଳି ଜିଅନ୍ତା ଜାଳିଦେଲେ ଝିଅକୁ। ଏପରି ଅଭାବନୀୟ ଘଟଣା ଘଟିଛି ବାଲିଅନ୍ତା ଥାନା ଅନ୍ତର୍ଗତ ବାଲକାଟି ଭାର୍ଗବୀ ସାଇଫନ୍ ନିକଟରେ ଥିବା ଏକ କଲୋନିରେ। ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ, ପାରିପାର୍ଶ୍ୱିକ ସ୍ଥିତି ଓ ପ୍ରାଥମିକ ତଦନ୍ତ ଆଧାରରେ ପୁଲିସ ମୃତା ଉମାଭାରତୀ ମଲ୍ଲିକ(୧୮)ଙ୍କ ବାପା ରାଧାଗୋବିନ୍ଦ ମଲ୍ଲିକ(୪୫), ମା' ଶାନ୍ତିଲତା(୪୦)ଙ୍କୁ ଗିରଫ କରିଛି। ସେହିପରି

## ବାଲକାଟିରେ ଅନରକିଲିଂ!

ଉମାଭାରତୀଙ୍କ ସ୍ୱାମୀ ମଣ୍ଟୁ ଓରଫ୍ ନିଗମାନନ୍ଦ ମଲ୍ଲିକ(୨୮)ଙ୍କୁ ପୁଲିସ ଅଟକ ରଖି ପଚରାଉଚରା ଚଳାଇଛି। ସମସ୍ତଙ୍କ ଘର ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ବେତଗାଡ଼ିଆ ଗ୍ରାମରେ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି।

ପୁଲିସ ସୂଚନା ଅନୁଯାୟୀ ନିଗମାନନ୍ଦ ବିବାହିତ। ତାଙ୍କର ଘରେ ଦେଢ଼ ବର୍ଷର ଝିଅଟିଏ ଅଛି। ମାତ୍ର ଉମାଭାରତୀଙ୍କ ସହିତ ନିଗମାନନ୍ଦଙ୍କ ପ୍ରେମ ସଂପର୍କ ଗଢ଼ିଉଠିଥିଲା। ଫଳରେ ପ୍ରଥମ ପତ୍ନୀ ଓ ଝିଅକୁ ଛାଡ଼ି ନିଗମାନନ୍ଦ ଉମାଭାରତୀଙ୍କ ଆଣି ଏଠାରେ ମଦନମୋହନ ମନ୍ଦିରରେ ବିବାହ କରିଥିଲେ। ପରେ ବାଲକାଟି ଭାର୍ଗବୀ ସାଇଫନ୍ ନିକଟସ୍ଥ

# ଝିଅକୁ ପୋଡ଼ି ମାରିଲେ ...

ହେଲା ଭଡ଼ାରେ ରହୁଥିଲେ। ଏ ସଂପର୍କରେ ଖବର ପାଇ ଉମାଭାରତୀଙ୍କ ମା' ଶାନ୍ତିଲତା ଗତକାଲି ପୂର୍ବାହ୍ଣରେ ବାଳକାଟିରେ ପହଞ୍ଚିଥିଲେ। ଆଜି ସକାଳେ ବାପା ରାଧାଗୋବିନ୍ଦ ପହଞ୍ଚିଥିଲେ। ଆଇଆଇସି ସଂଜୟ ପଟ୍ଟନାୟକ ସୂଚନା ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଅନୁଯାୟୀ ସେମାନେ ପ୍ରଥମେ ଉମାଭାରତୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ହେଲେ ଉମାଭାରତୀ ଏଥିରେ ରାଜି ହୋଇ ନଥିଲେ। ପରେ ବାପା-ମା, ଝିଅ ଓ ନିଗମାନନ୍ଦଙ୍କୁ ଡାକି ସମସ୍ତେ ମିଶି ଘରକୁ ଯିବା ପାଇଁ କହିଥିଲେ। ଏ ନେଇ ଅଟୋ ଆଣିବାକୁ ସେମାନେ ନିଗମାନନ୍ଦଙ୍କୁ ପଠାଇଥିଲେ। ଏହାର ସୁଯୋଗ ନେଇ ବାପା ରାଧାଗୋବିନ୍ଦ ଓ ମା' ଶାନ୍ତିଲତା ଝିଅ ଦେହରେ କିରାସିନି ଢ଼ାଳି ନିଆଁ ଲଗାଇ ଦେଇଥିଲେ। ପରେ ବାହାରକୁ ଆସି ଚିତ୍କାର କରିଥିଲେ। ସେମାନଙ୍କ ପାଟି ଶୁଣି ଓ ଘରୁ ଧୂଆଁ ବାହାରୁଥିବା ଦେଖି ପଡ଼ୋଶୀ ଓ ନଈରୁ ଗାଧୋଇ ଫେରୁଥିବା ମହିଳା ପହଞ୍ଚି ଉମାଭାରତୀଙ୍କ ନିଆଁରେ ପୋଡ଼ି ହୋଇ ମରିଯାଇଥିବା ଦେଖିବାକୁ ପାଇଥିଲେ। ଏହି ସମୟରେ ଅଟୋ ନେଇ ଆସୁଥିବା ନିଗମାନନ୍ଦ ପହଞ୍ଚିବାରୁ ଉଭୟ ବାପା-ମା' ତାଙ୍କ ଉପରେ ବର୍ଷିଥିଲେ। ଝିଅ ଦେହରେ ନିଆଁ ଲଗାଇ ଦେଇଥିବା କହି ମାଡ଼ ମାରିଥିଲେ ବୋଲି ପାଖ ପଡ଼ୋଶୀ ଓ ଅନ୍ୟ ମହିଳାମାନେ କହିଛନ୍ତି। ପରେ ଉପସ୍ଥିତ ପଡ଼ୋଶୀ ନିଗମାନନ୍ଦଙ୍କୁ ଉଦ୍ଧାର କରି ପୁଲିସକୁ ଖବର ଦେଇଥିଲେ। ବାଲିଅନ୍ତା ଥାନା ଆଇଆଇସି ଶ୍ରୀ ପଟ୍ଟନାୟକ ଓ ଡିସିପି ନିହାର ରଂଜନ ଦାଶ ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ ଘଟଣାସ୍ଥଳରୁ ଉମାଭାରତୀଙ୍କ ଶବ ଓ ଖାଲି କିରୋସିନି ଜାର୍ ଜବତ କରିଥିଲା। ପରେ ପଡ଼ୋଶୀ ଓ ପ୍ରତ୍ୟେକ୍ଷଦର୍ଶୀଙ୍କ ବୟାନ ଏବଂ ପ୍ରାଥମିକ ତଦନ୍ତ ଆଧାରରେ ପୁଲିସ କେସ୍ ନମ୍ବର ୧୩୦ ଓ ଧରା ୩୦୨, ୩୪ ଆଇପିସି ବଳରେ ଉଭୟ ବାପା-ମା'ଙ୍କ ଗିରଫ କରିବା ସହିତ ସ୍ୱାମୀ ନିଗମାନନ୍ଦଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

# ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

ଖଣ୍ଡପଡା, ୨୧।୯ (ଇମିସ): ଖଣ୍ଡପଡା ଏନ୍‌ଏସି ଅନ୍ତର୍ଗତ ୮ ନମ୍ବର ୱାର୍ଡରେ ଜଣେ ଯୁବତୀଙ୍କ ମୃତ୍ୟୁ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ମୃତ ଯୁବତୀ ଜଣଙ୍କ ହେଲେ ସଚିତ୍ରା ମହାନ୍ତି ଓରଫ ଲୁସି (୧୮)। ପ୍ରେମ ସମ୍ପର୍କରୁ ତାଙ୍କୁ ହତ୍ୟା କରାଯାଇଥିବା ଲୁସିର ମାମୁଁ ରବିନ୍ଦ୍ର ପଟ୍ଟନାୟକ ଖଣ୍ଡପଡା ଥାନାରେ ଏତଲା ଦେଇଛନ୍ତି। ଏହି ଘଟଣାରେ ପୁଲିସ ଜଣଙ୍କୁ ଅଟକ ରଖି ପଚରା ଉଚରା କରିବା ସହ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛନ୍ତି।



ଲୁସିର ବାପା ପ୍ରସନ୍ନ ମହାନ୍ତି ଓ ମା' ତାମିଲନାଡୁର ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ତାଙ୍କର ୩ ଝିଅ ଓ ଗୋଟିଏ ପୁଅ ଖଣ୍ଡପଡାରେ ରହି ପାଠ ପଢୁଥିଲେ। ଲୁସି ବଡ଼ ଥିବାରୁ ସେମାନଙ୍କ ଦାୟିତ୍ୱ ନେଇଥିଲା। ପାଢ଼ିସାହିରେ ଏକ କାଠ କଣ୍ଢେଇ ତିଆରି ସଂସ୍ଥାରେ ସେ ଓ ତାର ସାନ ଭଉଣୀ କାମ କରୁଥିଲେ। ଅଭିଯୋଗ ଅନୁସାରେ ଏହି ସଂସ୍ଥାର ମାଲିକ ସନ୍ତୋଷ ଓରଫ ଦୀନବନ୍ଧୁ ସାହୁ ତାଙ୍କ ଭାଣିଜୀଙ୍କ ଘରକୁ ଯିବା ଆସିବା କରୁଥିଲେ। ତାଙ୍କ ବାପା-ମା ଅନୁପସ୍ଥିତି ଥିବାରୁ ସେ ବିଭିନ୍ନ କାର୍ଯ୍ୟରେ ସେମାନଙ୍କୁ ସହଯୋଗ କରୁଥିଲେ। ପରବର୍ତ୍ତି ସମୟରେ ଏହା ପ୍ରେମ୍ ସମ୍ପର୍କ ରୂପ ନେଇଥିଲା। ଆଜି ପୂର୍ବାହ୍ନ ୧୧ଟା ବେଳେ ଲୁସିର ମୃତ ଶରୀର ତାଙ୍କ ଘର ଭିତରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଲୁସି ଆଜି ପୂର୍ବାହ୍ନ ୮ଟା ବେଳେ ସ୍ଥାନୀୟ ଏକ ନଳକୂପରୁ ଘରକୁ ପାଣି ନେଇଛି। ଲୁସିର ସାନ ଭାଇ ଓ ଭଉଣୀ ଟିଉସନରୁ ଫେରିବା ପରେ ଘର ବନ୍ଦ ଥିବା ଏବଂ ଭଉଣୀ ଶବ ଝୁଲୁଥିବା ଦେଖି ସନ୍ତୋଷଙ୍କୁ ଖବର ଦେଇଥିଲେ। ସନ୍ତୋଷ ପଡୋଶୀଙ୍କୁ ନ ଡାକି ନିଜେ ଝୁଲନ୍ତା ଶବକୁ ତଳକୁ ଓହ୍ଲାଇଥିବାରୁ ତାହା ଘଟନାକୁ ଅଧିକ ରହସ୍ୟାବୃତ କରିଥିବା ଆଲୋଚନା ହେଉଛି। ଲୋକେ ସନ୍ତୋଷଙ୍କୁ ଧରି ପୁଲିସ ଜିମା ଦେଇଥିବା ଜଣାପଡ଼ିଛି।

# ଛାତକୁ ସାହା ବାଉଁଶ ଢ଼ିରା




ନିରାକାରପୁର,୨୨/୯(ଇମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଲେଣ୍ଡୁସ୍ଥିତ ପଦ୍ମଚରଣ ବିଦ୍ୟାପୀଠରେ ଛାତ୍ରଛାତ୍ରୀମାନେ ଭୟ ଓ ଆଶଙ୍କାରେ ଶ୍ରେଣୀଗୃହରେ ବସି ପାଠ ପଢୁଛନ୍ତି। କେତେବେଳେ ଯେ ଛାତଟି ଭୁଷୁଡ଼ିପଡ଼ିବ ସେହି ଡର ସେମାନଙ୍କୁ ଲାଗି ରହିଛି।

ସୂଚନାଯୋଗ୍ୟ ଯେ ୧୯୯୦ ମସିହାରେ ଲେଣ୍ଡୁରେ ସମାଜସେବୀ ଦୁର୍ଗାଚରଣ ରାଉତରାୟଙ୍କ ଦ୍ୱାରା ପଦ୍ମଚରଣ ବିଦ୍ୟାପୀଠ ପ୍ରତିଷ୍ଠା ହୋଇଥିଲା। ଗତକିଛି ଦିନ ହେବ ବିଦ୍ୟାଳୟଟି ବ୍ଲକଗ୍ରାଣ୍ଟ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟବିବେଚିତ ହୋଇଛି। ବିଦ୍ୟାଳୟରେ ବର୍ତ୍ତମାନ ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମୁଦାୟ ୧୪୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ୧୦ଜଣ ଶିକ୍ଷକ, କର୍ମଚାରୀ ରହିଛନ୍ତି। ୪ଟି ଶ୍ରେଣୀକୁ ୪ବଖରା ଗୃହ ରହିଛି। ପ୍ରତ୍ୟେକ ଗୃହର କାନ୍ଥ ଫାଟିବା ସହ ଛାତରୁ ସିମେଣ୍ଟ ଛେଲା ଛାଡୁଛି। ବର୍ଷାହେଲେ ଛାତଟି ସମ୍ପୂର୍ଣ୍ଣ ଭିଜି ପାଣି ଗଳୁଛି। କାଳେ ଛାତଟି ତଳକୁ ଗଳିପଡ଼ିବ ବୋଲି ବାଉଁଶ ଢ଼ିରା ଦିଆଯାଇ ରଖାଯାଇଛି। ଫଳରେ ଛାତ୍ରଛାତ୍ରୀମାନେ ଭୟରେ ଜୀବନକୁ ବାଜି ଲଗାଇ ପାଠପଢୁଥିବା ଲକ୍ଷ୍ୟକରାଯାଉଛି। ସେହିପରି ଗୃହଗୁଡ଼ିକର ଝରକା କବାଟ ନାହିଁ ସବୁଗୁଡ଼ିକ କେବଳ ଆଉଜାହୋଇ ରଖାଯାଉଛି। ବିଦ୍ୟାଳୟର ଚତୁର୍ପାର୍ଶ୍ୱରେ ପାଚେରୀ ନଥିବାବେଳେ ଶୌଚାଳୟ ଅବସ୍ଥା ଖରାପ। ଏସବୁ ସମସ୍ୟାର ସମାଧାନ କରି ଗୃହର ପୁନୋରୁଦ୍ଧାର ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ବିଭାଗୀୟ ଅଧିକାରୀଙ୍କୁ ଜଣାଇବାରୁ ବିଦ୍ୟାଳୟଟି ବ୍ଲକଗ୍ରାଣ୍ଟରେ ରହିଛି ଯଦି ଗ୍ରାଣ୍ଟ-ଇନ-ଏଡ୍ ପଲିସିରେ ଯାଇଥାନ୍ତା ତେବେ ଏହାର ପୁନୋରୁଦ୍ଧାର ପାଇଁ ଅର୍ଥ ଦିଆଯାଇପାରନ୍ତା ବୋଲି ଜଣାଇଥିବା ସୂଚନା ମିଳିଛି। ଏଣେ ବିଦ୍ୟାଳୟଟି ବ୍ଲକଗ୍ରାଣ୍ଟରେ ଅନ୍ତର୍ଭୁକ୍ତ ହୋଇ ସରକାରୀ ଦରମା ପାଇବାକୁ ବିବେଚିତ ହୋଇଥିବାରୁ ପରିଚାଳନା କମିଟି ଏହାର ପୁନୋରୁଦ୍ଧାର ପାଇଁ ଅମଙ୍ଗ ହେଉଥିବା ଜଣାପଡ଼ିଛି। ତେବେ ଛାତ୍ରଛାତ୍ରୀମାନେ ଦୋଛକିରେ ପଡ଼ି ଜୀବନକୁ ବାଜି ଲଗାଇ କେତେଦିନ ଭଙ୍ଗା ଛାତତଳେ ପାଠ ପଢ଼ିବେ ତାହା ପ୍ରଶ୍ନବାଚୀ ହୋଇରହିଛି। ଗତ ୨୧ ତାରିଖରେ ବିଦ୍ୟାଳୟ ଅନୁନୀରିକ୍ଷକ ପ୍ରତିମା ସୁନ୍ଦରୀ ଦଳେଇ ଆସି ବିଦ୍ୟାଳୟ ପରିଦର୍ଶନ କରି ଫେରିଯାଇଛନ୍ତି। ତେଣୁ ଏହି ବିଦ୍ୟାଳୟର ତୁରନ୍ତ ପୁନୋରୁଦ୍ଧାର କରିବାକୁ ଦାବି ହେଉଛି।

# ଦଳିତ ଛାତ୍ରଛାତ୍ରୀଙ୍କୁ ନିର୍ଯାତନା, ମାଡ଼ ଅଭିଯୋଗରେ ଧାରଣା




ଭୁବନେଶ୍ୱର,୨୦।୯(ଇମିସ): ୫ଦଫା ଦାବି ନେଇ ଆଜି ନ୍ୟାସନାଲ କନଫେଡେରେସନ୍ ଅଫ୍ ଦଳିତ ଅର୍ଗାନାଇଜେସନ୍ ପକ୍ଷରୁ ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଥିଲା। ସଭାପତି ଅଶୋକ କୁମାର ମଲ୍ଲିକ୍‌ଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ କେନ୍ଦ୍ରାପଡ଼ାରେ ପ୍ରତିଦିନ ଦଳିତମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ତୀବ୍ର ନିନ୍ଦା କରିଥିଲେ। ଦଳିତ ପିଲାମାନଙ୍କୁ ମାଡ଼ ମାରିଥିବା ଗୁଣ୍ଡା, ପୂଜକ ଓ ଶିକ୍ଷକଙ୍କୁ ଗିରଫ କରିବା, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଦଳିତମାନଙ୍କୁ ଅଭିଯୋଗ ପ୍ରତ୍ୟାହାର ପାଇଁ ଧମକ ଦେଇଥିବାରୁ ତାଙ୍କ ନାମରେ ଦଳିତ ନିର୍ଯାତନା ନିବାରଣ ଆଇନ୍ ଅନୁଯାୟୀ ମାମଲା ଦାୟର କରିବା, ମାଡ଼ ଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ନିର୍ଯାତନା ଆଇନ ଅନୁଯାୟୀ ଆର୍ଥିକ ସହାୟତା ଯୋଗାଇବା, କେନ୍ଦ୍ରାପଡ଼ା ଜିଲ୍ଲାରେ ଥାନା ଗୁଡ଼ିକରେ ପଡ଼ି ରହିଥିବା ଦଳିତ ନିର୍ଯାତନା ମାମଲାଗୁଡ଼ିକର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଥିଲେ। ଏହି ଧାରଣାରେ ନାକ୍‌ତୋର ଯୁବଛାତ୍ର ସଭାପତି ଲିଟୁ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# କୁଚିଣ୍ଡାରେ ୧୩ ଦିନରେ ୨ ଶିଶୁକନ୍ୟାଙ୍କୁ ଦୁଷ୍କର୍ମ

କୁଚିଣ୍ଡା, ୨୨/୯(ଇମିସ): ସମ୍ବଲପୁର ଜିଲ୍ଲାରେ ଗତ ୧୩ ଦିନ ମଧ୍ୟରେ ଦୁଇ ଜଣ ଶିଶୁକନ୍ୟା ନର ପିଶାଚଙ୍କ ଶିକାର ହୋଇଛନ୍ତି । ନୂଆଁଖାଇ ଦିନ ଯୁଯୁମୁରାରେ ଜଣେ ୪ ବର୍ଷର ଶିଶୁକନ୍ୟା ଏବଂ ଆଜି କୁଚିଣ୍ଡାରେ ଜଣେ ୫ବର୍ଷର ଝିଅକୁ ଦୁଷ୍କର୍ମ କରାଯିବା ଅଂଚଳରେ ଆଲୋଡ଼ନ ସୃଷ୍ଟି କରିଛି । ପୁଲିସ୍ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ, ଆଜି ୧୧ଟାରେ କୁଚିଣ୍ଡା ଥାନା ସାତକମା ଗାଁରେ ଜଣେ ୫ବର୍ଷର ଶିଶୁକନ୍ୟାକୁ ଗାଁର ରାଜୀବ ମଲାର ଓରଫ୍ ଚମାର(୧୮) ଚୋକଲେଟ୍‌ର ପ୍ରଲୋଭନ ଦେଖାଇ ପାଖକୁ ଡାକିଥିଲା। ଝିଅ ଆସିବା ପରେ ଚମାର ପାଖ ଜଙ୍ଗଲକୁ ଧରି ନେଇଥିଲା । ସରଳ ନିଷ୍ପାପ ଶିଶୁଟିର ମନରେ କିଛି ସନ୍ଦେହ ହୋଇ ନଥିଲା। ମାତ୍ର ରାଜୀବ ମାନବିକତାର ସବୁ ସୀମା ଲଂଘନ କରି ତାକୁ ଦୁଷ୍କର୍ମ କରିଥିଲା । ଏଥିରେ ଗୁରୁତର ଅସୁସ୍ଥ ହୋଇପଡ଼ିଥିବା ପୀଡ଼ିତା ଘଟନା ସଂପର୍କରେ ବାପା-ମା'ଙ୍କୁ ସବୁକଥା ଜଣାଇଥିଲା। ପରିବାର ଲୋକେ ଗାଁ ଲୋକଙ୍କୁ ଘଟନା ସଂପର୍କରେ କହିଥିଲେ । ଗାଁ ଲୋକେ ଅଭିଯୁକ୍ତ ଚମାରକୁ କାବୁ କରି କୁଚିଣ୍ଡା ପୁଲିସ୍‌କୁ ଜିମା ଦେଇଥିଲେ । ଅଭିଯୋଗକୁ ଭିତ୍ତି କରି ପୁଲିସ୍ କେସ୍ ନଂ ୧୭୨ ରୁଜୁ କରିଥିଲା। ଡାକ୍ତରୀ ପରୀକ୍ଷା କରିବା ପରେ ଚମାରକୁ ଗିରଫ କରିଛି । ସୂଚନାଯୋଗ୍ୟ ଯେ, ଗତ ବର୍ଷ ନୂଆଁଖାଇ ଦିନ ଯୁଯୁମୁରା ପଞ୍ଚାୟତର ବ୍ରାହ୍ମଣୀନାଳିର ଗାଁର ଜଣେ ଯୁବକ ରାତିରେ ଜଣେ ଆଦିବାସୀ ବାଳିକାକୁ ଟେକି ନେଇ ଦୁଷ୍କର୍ମ କରିଥିଲା। ଥାନାରେ ଅଭିଯୋଗ ହେବା ପରେ କିନ୍ତୁ ସେ ଫେରାର ହୋଇଯାଇଥିଲା। ଇତିମଧ୍ୟରେ ଏକ ବର୍ଷ ବିତି ଯାଇଛି । ମାତ୍ର ପୁଲିସ୍ ଅଭିଯୁକ୍ତକୁ ଗିରଫ କରିବାରେ ବିଫଳ ହୋଇଛି । ଚଳିତ ବର୍ଷ ୧୦ ସେପ୍ଟେମ୍ବର ନୂଆଁଖାଇ ଦିନ ପୁଣି ଏହି ଯୁଯୁମୁରା ଥାନା ଧାତକିପଡ଼ାର ସୁବାସ ମିର୍ଧା ନିଜ ଗାଁର ଜଣେ ୪ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ କରିଥିଲା। ଘଟନା ସଂପର୍କରେ ୧୫ ସେପ୍ଟେମ୍ବର ଦିନ ଥାନାରେ ମାମଲା ରୁଜୁ ହୋଇଛି । ମାତ୍ର ପୁଲିସ୍ ଅଭିଯୁକ୍ତକୁ ଗିରଫ କରି ପାରିନାହିଁ । ସୂଚନାଯୋଗ୍ୟ ଯେ, ଗତ ବର୍ଷ ଏହି ଜିଲ୍ଲାରେ ଦୁଇ ଜଣ ଶିଶୁକନ୍ୟାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା ।

# ପାଠପଢ଼ା ବେଳେ ଭୁଶୁଡ଼ିଲା ଅଙ୍ଗନବାଡ଼ି ଡାଜା

## ହେଲ୍‌ପର ଆହତ, ୧୯ ପିଲା ଅଳ୍ପକେ ବର୍ତ୍ତିଲେ

ଦଶପଲ୍ଲା, ୨୩।୯ (ଇମିସ): । ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍‌ର ସୁଆଁସିଆସାହି ଅଙ୍ଗନବାଡ଼ି କେନ୍ଦ୍ର ଗୃହ ଭୁଶୁଡ଼ି ୫ ଜଣ ଶିଶୁଙ୍କ ମୃତ୍ୟୁ ଘଟିବା ଘଟଣା ମନରୁ ନ ଲିଭୁଣୁ ପୁଣି ଆଜି ସେହି ନୟାଗଡ଼ ଜିଲ୍ଲାର ଦଶପଲ୍ଲା ବ୍ଲକ୍ ପେମ୍ପରିଡ଼ା ଅଙ୍ଗନବାଡ଼ି କେନ୍ଦ୍ର ଗୃହର ଡାଜା ଭୁଶୁଡ଼ି କେନ୍ଦ୍ର ସହାୟିକା ଆହତ ହୋଇଥିବା ବେଳେ ୧୯ ଜଣ କୋମଳମତି ଶିଶୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।

ଘଟଣାରୁ ପ୍ରକାଶ, ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ କୁଲୁରୁକୁମ୍ପା ଗ୍ରାମପଞ୍ଚାୟତର ପେମ୍ପରିଡ଼ା ଅଙ୍ଗନବାଡ଼ି କେନ୍ଦ୍ରରେ ୨ଟି ଓ୍ୱାର୍ଡ଼ର ୨୫ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି ।। ସବୁଦିନ ପରି ଆଜି ସକାଳେ ଏହି ଆଦିବାସୀବହୁଳ ଗ୍ରାମରୁ ୧୯ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ହେଲ୍‌ପର କୈଳାସ କହଁର ଅର୍ଦ୍ଧନିର୍ମିତ ଗୃହରେ ପହଞ୍ଚିଥିଲେ । ପିଲାମାନଙ୍କୁ ଶ୍ରେଣୀ ଗୃହରେ ବସାଇ ରୋଷେଇ ପାଇଁ ପାଣି ଆଣିବା ପରେ ରୋଷେଇ ଆରମ୍ଭ କରିଥିଲେ । ସକାଳ ୯ଟା ବେଳେ ଏହି ଅର୍ଦ୍ଧନିର୍ମିତ ଗୃହର ସମ୍ମୁଖ ଭାଗ ଓ ରୋଷେଇ ଘରର ହଠାତ୍ ଡାଜା ଭୁଶୁଡ଼ି ଯାଇଥିଲା । ଭାଙ୍ଗି ଯିବା ସମୟରେ କେନ୍ଦ୍ର ମଧ୍ୟରେ କୈଳାସ କହଁର (୫୯) ଙ୍କ ସମେତ ୨୦ ଜଣ ଛାତ୍ରଛାତ୍ରୀ ଫସି ରହିଗଲେ । ଲୋକଙ୍କ କୋଳାହଳ ଶୁଣି କେନ୍ଦ୍ରର କର୍ମୀ କୁମାରୀ ନାଏକ ଓ ଗ୍ରାମବାସୀମାନେ ଛାତ୍ରଛାତ୍ରୀଙ୍କୁ ଝରକା ବାଟ ଦେଇ ଉଦ୍ଧାର କରିଥିଲେ । ଏହି ଦୁର୍ଘଟଣାକୁ ନେଇ ବହୁସମୟ ଧରି ସେଠାରେ ଉତ୍ତେଜନା ଲାଗି ରହିଥିଲା । ଖବର ପାଇ ସୁପରଭାଇଜର ଘଟଣା ସ୍ଥଳରେ ପହଞ୍ଚି ହେଲ୍‌ପରଙ୍କୁ ଚିକିତ୍ସା ନିମନ୍ତେ ଦଶପଲ୍ଲା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ମଧ୍ୟାହ୍ନ ୧୨ଟାରେ ତହସିଲ୍‌ଦାର ନରେନ୍ଦ୍ର ନାଥ ସାହୁ, ବିଡିଓ ପ୍ରଶାନ୍ତ କୁମାର ଛୋଟରାୟ, ଶିଶୁ ପ୍ରକଳ୍ପ ଅଧିକାରିରୀ, ସ୍ଥାନୀୟ ସମିତି ସଭ୍ୟା ଓ ଜିଲ୍ଲା ପରିଷଦ ସଭ୍ୟ କିଶୋର ଚନ୍ଦ୍ର ଦଳବେହେରା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ।



ଉକ୍ତ ଗ୍ରାମରେ ଅଙ୍ଗନବାଡ଼ି ଗୃହର ଅଭାବକୁ ଦୃଷ୍ଟିରେ ରଖି ୨୦୦୬-୦୭ ମସିହାରେ ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନାରେ ପ୍ରଥମ ଦଫାରେ ୫୦ ହଜାର ଟଙ୍କା ତ୍ରିନାଥ ପ୍ରଧାନଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା । ପରେ ଏହାକୁ ଅର୍ଥ ମଂଜୁର କରି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିଲା । କାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ତଦନ୍ତ ସମୟରେ ବିଡିଓ ଓ ତହସିଲ୍‌ଦାର ସ୍ୱୀକାର କରିଥିବା ବେଳେ ଯନ୍ତ୍ରୀ ଯେଉଁ ଭଳି ଭାବେ ଆଖିବୁଜି ୩ଟି ଦଫାରେ ମୋଟ୍ ୧ ଲକ୍ଷ ୧୨ ହଜାର ୭୧୧ ଟଙ୍କା ବିଲ୍ ପ୍ରଦାନ କରାଇଥିଲେ ତାହା ଏବେ ସନ୍ଦେହ ସୃଷ୍ଟି କରିଛି । ଏପରିକି କେନ୍ଦ୍ର ନିମନ୍ତେ ଏହି ଗୃହଟି ଅର୍ଦ୍ଧନିର୍ମିତ ହୋଇଥିବା ବେଳେ ଏଠାରେ କେନ୍ଦ୍ର ଖୋଲିବାକୁ କିପରି ସୁପାରିସ କରାଗଲା । ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଜିଲ୍ଲାରେ ଦୁଇ ଦୁଇଟି ଘଟଣା ଘଟିବା ପରେ ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ରୁଗ୍ଣ ଅବସ୍ଥାରେ ରହିଥିବା କେନ୍ଦ୍ରରେ ଏପରି ଅଘଟଣକୁ ଏଡ଼ାଇ ଦିଆଯାଇ ନପାରେ । ଏଣୁ ପ୍ରଶାସନିକ ସ୍ତରରେ ଶିଶୁଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ପଦକ୍ଷେପ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି ।

# ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା! ୪ ଗିରଫ

- **ଶବକୁ ପୋତି ଦେଇଥିଲେ**
- **ଗାଡ଼ି ଡ୍ରାଇଭରକୁ ଖୋଜୁଛି ପୁଲିସ**

ଦଶମନ୍ତପୁର, ୨୩/୯ (ଇମିସ): ସୁନେଲି ଭବିଷ୍ୟତର ଆଶା ଦେଖାଇ କୋରାପୁଟ ଜିଲ୍ଲା ଦଶମନ୍ତପୁର ଥାନା ଅଧୀନସ୍ଥ କାଳିଆଝୋଲା ଗାଁର ଜଣେ ସରଳ ତଥା ଶିକ୍ଷିତ ଆଦିବାସୀ ଯୁବତୀଙ୍କୁ ଘରୁ ଡାକିନେଇ ଦୁଷ୍କର୍ମ ପରେ ହତ୍ୟା କରାଯିବା ଭଳି ଜଘନ୍ୟ ଘଟଣା ପଦାକୁ ଆସିଛି। ଘଟଣାଟି ପ୍ରାୟ ଦୁଇ ସପ୍ତାହ ପୂର୍ବରୁ ଘଟିଥିବା ବେଳେ ଅଭିଯୁକ୍ତମାନେ କାଶିପୁର ବ୍ଲକ ରେଙ୍ଗା ନିକଟସ୍ଥ ଗୋଟିଏ ଜଙ୍ଗଲରେ ଶବକୁ ଅଧା ପୋତି ଦେଇଥିବାରୁ କିଛି ଜଣାପଡିନଥିଲା। କିନ୍ତୁ ଗତ ୧୮ ତାରିଖ ଦିନ କାଶିପୁର ପୁଲିସ ମାଟି ତଳୁ ଯୁବତୀଙ୍କ ଗଳିତ ଶବକୁ ଉଦ୍ଧାର କରି ଚିହ୍ନଟ କରିବା ପରେ ଘଟଣା ପଦାକୁ ଆସିଛି। ପୁଲିସ ଇତି ମଧ୍ୟରେ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସାରିଲାଣି। ଆହୁରି କିଛି ଜଣ ମଧ୍ୟ ଘଟଣାରେ ସଂପୃକ୍ତ ଥାଇପାରନ୍ତି ବୋଲି ପୁଲିସ ଅନୁମାନ କରି ତଦନ୍ତ ଜାରି ରଖିଛି।

ଘଟଣା ଅନୁଯାୟୀ, ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ତଥା ଦଶମନ୍ତପୁର ଥାନା ଅଧୀନସ୍ଥ କାଳିଆଝୋଲା ଗାଁର ହରି ଜାନୀଙ୍କ ଝିଅ ଲକ୍ଷ୍ମୀ ଜାନୀ (୧୭) ତୋୟାପୁଟ ଗାଁରେ ରହି ପାଠ ପଢୁଥିଲା। ଏହି ସମୟରେ ତୋୟାପୁଟ ଗାଁର ମହେଶ୍ୱର ଜାନୀ ଓରଫ (ମୟ)ର ଲୋଲୁପ ଦୃଷ୍ଟି ପଡିଥିଲା ଲକ୍ଷ୍ମୀ ଉପରେ। ମହେଶ୍ୱର ବାରମ୍ବାର ଲକ୍ଷ୍ମୀକୁ ପ୍ରେମ ନିବେଦନ କରିବା ସହ ପ୍ରଥମ ପତ୍ନୀକୁ ଛାଡିଦେଇ ତାକୁ ଦ୍ୱିତୀୟ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲା। କିନ୍ତୁ ପ୍ରତ୍ୟେକ ଥର ଲକ୍ଷ୍ମୀ ଏହି ପ୍ରସ୍ତାବକୁ ପ୍ରତ୍ୟାଖାନ କରି ଆସିଥିଲା। ପାଠପଢା ଶେଷ ହେବାପରେ କିଛି ମାସ ତଳେ ଲକ୍ଷ୍ମୀ ନିଜ ଗାଁକୁ ଫେରି ଆସିଥିବା ବେଳେ ମହେଶ୍ୱର ଯେଉଁ ଯୋଜନା କରିଥିଲା ତାହା ଫସର ଫାଟି ଯାଇଥିଲା। ତେବେ ଲକ୍ଷ୍ମୀକୁ ନିଜ ଜାଲରେ ପକାଇବାକୁ ମହେଶ୍ୱର ପୁଣି ଏକ ଯୋଜନା କରିଥିଲା। ଲକ୍ଷ୍ମୀ ଘରକୁ ଯାଇ ତାକୁ ଗୋଟିଏ ସ୍ୱେଚ୍ଛାସେବୀ ସଂସ୍ଥାରେ ନିଯୁକ୍ତି କରାଇ ଦେବ ବୋଲି କହିଥିଲା। ନିଜ ଷଡଯନ୍ତ୍ରରେ ପୂର୍ବ ପରିଚିତ ଦାମୋଦର ହିଆଲ ଓରଫ (ଦୋରା) ଏବଂ ଦୁଇ ଯୁବତୀ ଟୁନି ମାଝୀ ଏବଂ ସଦାଇ ମାଝୀଙ୍କ ସହଯୋଗ ବି ନେଇଥିଲା। ଯୋଜନା ପ୍ରସ୍ତୁତ ହୋଇଯିବା ପରେ ଚଳିତ ମାସ ୧୦ ତାରିଖ ଦିନ ଦାମୋଦର, ଟୁନି ଏବଂ ସଦାଇ ପ୍ରମୁଖ ଗୋଟିଏ ଗାଡି ଭଡା କରି କାଳିଆଝୋଲା ଗାଁକୁ ଯାଇ ଲକ୍ଷ୍ମୀ ସହ କଥାବର୍ତ୍ତା କରି ଚାକିରି କରିବାକୁ ରାଜି କରାଇଥିଲେ। ଏହାପରେ ସେମାନେ ଗାଡିରେ ଲକ୍ଷ୍ମୀକୁ ଧରି ଚାଲି ଆସିଥିଲେ। ମୁଖ୍ୟ ଅଭିଯୁକ୍ତ ମହେଶ୍ୱର କାଳିଆଝୋଲା ଗାଁ ଠାରୁ କିଛି ଦୂରରେ ରହି ସହଯୋଗୀଙ୍କ କାର୍ଯ୍ୟ ଉପରେ ଦୃଷ୍ଟି ରଖିଥିଲା। ଲକ୍ଷ୍ମୀକୁ ଅଭିଯୁକ୍ତମାନେ ଗାଡିରେ ବସାଇବା ପରେ ସିଧା କାଶିପୁର ବ୍ଲକର ରେଙ୍ଗା ଗାଁକୁ ନେଇ ଯାଇଥିଲେ। ସେଠାରେ ଅଭିଯୁକ୍ତ ଦାମୋଦରର ଜଣେ ସଂପର୍କୀୟଙ୍କ ଘରେ ଲକ୍ଷ୍ମୀକୁ ରଖିଥିଲେ। ସେପଟେ ଝିଅର କୌଣସି ପତ୍ତା ନପାଇ ଚିନ୍ତାରେ ପଡିଥିବା ହରି ଜାନୀ ଶେଷରେ ଝିଅକୁ ଅପହରଣ କରାଯାଇଥିବା ନେଇ ଦଶମନ୍ତପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏତଲା ଗ୍ରହଣ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ ହେଁ ଲକ୍ଷ୍ମୀର ପତ୍ତା ପାଇନଥିଲା। କିନ୍ତୁ ଗତ ୧୮ ତାରିଖ ଦିନ ରେଙ୍ଗା ଗାଁ ଠାରୁ କିଛି ଦୂରରେ ଥିବା ଗୋଟିଏ ଜଙ୍ଗଲରେ ଅଧା ପୋତା ହୋଇଥିବା ଜଣେ ଯୁବତୀଙ୍କ ଗଳିତ ଶବ ମିଳିଥିଲା। ଖବର ପାଇ ଦଶମନ୍ତପୁର ପୁଲିସ ଲକ୍ଷ୍ମୀର ପରିବାରକୁ ନେଇ ସେଠାରେ ପହଞ୍ଚି ଶବ ଚିହ୍ନଟ କରିଥିଲା। ଏହାପରେ ଦଶମନ୍ତପୁର ପୁଲିସ ଏକ ମାମଲା ରୁଜୁ କରି ମହେଶ୍ୱର, ଦାମୋଦର, ଟୁନି ଏବଂ ସଦାଇକୁ ଗିରଫ କରି ପଚରା ଉଚୁରା କରୁଛି। ଆସନ୍ତା କାଲି ଅଭିଯୁକ୍ତଙ୍କ ଡାକ୍ତରି ମାଇନା ପରେ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

# ୧୪ ଛାତ୍ରଛାତ୍ରୀଙ୍କୁ ଯୌନ-ଯାତନା ଅଭିଯୋଗ

ନୟାଗଡ଼, ୨୩/୯(ଇମିସ): ପ୍ରାଥମିକ ବିଦ୍ୟାଳୟରେ କୋମଳମତି ଛାତ୍ରଛାତ୍ରୀଙ୍କୁ ଦୀର୍ଘ ଦୁଇ ବର୍ଷ ଧରି ପ୍ରଧାନଶିକ୍ଷକ ଯୌନ ନିର୍ଯ୍ୟାତନା ଦେଇ ଆସୁଥିବା ଅଭିଯୋଗ ହୋଇଥିବା ବେଳେ ପ୍ରାଶାସନିକସ୍ତରରେ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହେଉଥିବା ଅଭିଭାବକମାନେ କହିଛନ୍ତି। ଅଭିଯୋଗ ଅନୁଯାୟୀ, ନୟାଗଡ଼ ସଦର ଥାନା ମାଳିସାହି ଫାଣ୍ଡି ଅନ୍ତର୍ଗତ ତୋଟାସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସେହି ବିଦ୍ୟାଳୟରେ ପଢୁଥିବା ୧୪ ଜଣ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସମୟରେ ଯୌନଶୋଷଣ କରୁଥିବା ନେଇ ପିଲାମାନଙ୍କ ଠାରୁ ସୂଚନା ପାଇବା ପରେ ଅଭିଭାବକମାନେ ଶିକ୍ଷକଙ୍କୁ ତାଗିଦ କରିଥିଲେ। ତେବେ ତାଗିଦ ପରେ ମଧ୍ୟ ପ୍ରଧାନ ଶିକ୍ଷକ ଏ ନିନ୍ଦିତ କାର୍ଯ୍ୟରୁ ବିରତ ହେଲେନାହିଁ ଏବଂ ଘରେ ଏ ବିଷୟରେ ନଜଣାଇବା ପାଇଁ ପିଲାମାନଙ୍କୁ ଡରାଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ଗତ ଶୁକ୍ରବାର ଦିନ ଅଭିଭାବକମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ) କୁଳମଣି ନାଥଶର୍ମାଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ତେବେ ଡିଇଓ ଅନ୍ୟ ସରକାରୀ କାର୍ଯ୍ୟରେ ବ୍ୟସ୍ତ ଥିବା ହେତୁ ନୂଆଗାଁ ବ୍ଲକ ସ୍କୁଲ ଏସ୍‌ଆଇ ଶନିବାର ଦିନ ଗ୍ରାମବାସୀ ଓ ଛାତ୍ରଛାତ୍ରୀଙ୍କୁ ଭେଟି ଅଭିଯୋଗର ତଦନ୍ତ କରିଥିଲେ। ତଦନ୍ତ ଠିକ୍ ହୋଇଥିଲେ ବି ପରବର୍ତ୍ତୀ ସମୟରେ ପ୍ରଶାସନିକ ଅଧିକାରୀଙ୍କୁ ହାତକରି ସଂପୃକ୍ତ ଶିକ୍ଷକ ମାମଲା ଚପାଇଦେବାକୁ ଉଦ୍ୟମ କରୁଛନ୍ତି ବୋଲି ଶୋଷଣର ଶିକାର ହୋଇଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଗଣମାଧ୍ୟମକୁ କହିଛନ୍ତି। ପ୍ରଶାସନ ଓ ଶିକ୍ଷା ଅଧିକାରୀଙ୍କ ଉପରୁ ଭରସା ତୁଟାଇ ସେମାନେ ଆଜି ଥାନାର ଦ୍ୱାରସ୍ଥ ହୋଇଥିବା ସୂଚନା ଦେଇଛନ୍ତି। ଆଜି ସଂଧ୍ୟାରେ ଏ ନେଇ ନୟାଗଡ଼ ସଦର ଥାନାରେ ସେମାନେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗକୁ ଗୁରୁତର ସହକାରେ ନେବା ସହ ଆସନ୍ତାକାଲି ସେ ନିଜେ ତଦନ୍ତ କରିବା ପାଇଁ ତୋଟାସାହି ଯିବେ ବୋଲି ଡିଇଓ ଶ୍ରୀ ନାଥଶର୍ମା ସମ୍ବାଦକୁ କହିଛନ୍ତି।

---

# କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା!

ବରପାଲି/ବରଗଡ଼, ୨୭।୯(ଇମିସ): ବରପାଲି ନିକଟସ୍ଥ ବର୍ଲାବାହାଲ ଗ୍ରାମର ଜନୈକା କଲେଜ ଛାତ୍ରୀସୂର୍ଯ୍ୟମାଓରଫ୍‌ସୂର୍ଯ୍ୟକାନ୍ତିରାଉତ(୧୯)ଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। କ୍ଷେତ ଭିତରୁ ତାଙ୍କରମୃତଦେହଉଦ୍ଧାରକରାଯାଇଥିବାବେଳେ ଦୁଷ୍କର୍ମପରେତାଙ୍କୁହତ୍ୟାକରାଯାଇଥିବାପ୍ରାଥମିକ

## ସନ୍ଦେହରେ ୨ ଅଟକ

ତଦନ୍ତରୁ ପୁଲିସ ଅନୁମାନ କରୁଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର କାରଣ ସ୍ପଷ୍ଟ ହୋଇଯିବ ବୋଲି ତଦନ୍ତକାରୀ ପୁଲିସଅଫିସର କହିଛନ୍ତି।

ପ୍ରକାଶଯେ, ବରପାଲି ଥାନା ଅନ୍ତର୍ଗତ ବର୍ଲାବାହାଲ ଗ୍ରାମର ଟଙ୍କଧର ରାଉତଙ୍କ ଝିଅ ସୂର୍ଯ୍ୟକାନ୍ତି ବରପାଲି କଲେଜରେଯୁକ୍ତ୩ପ୍ରଥମ ବର୍ଷର ଛାତ୍ରୀ ଥିଲେ। ଶୁକ୍ରବାର ସକାଳ ପ୍ରାୟ ୭ଟାବେଳେ କୂଅରୁ ଏକ ବାଲ୍‌ଟିରେ ପାଣି କାଢ଼ି



ପାଖ କ୍ଷେତକୁ ଶୌଚ ପାଇଁ ଯାଇଥିଲେ। ଏହି କ୍ଷେତଘରଠାରୁପ୍ରାୟ୮ ଶହମିଟରଦୂରହେବ। ଦୀର୍ଘ ସମୟ ଘରକୁ ନଫେରିବାରୁ ପରିବାରର ଲୋକେ ଚିନ୍ତିତ ହୋଇପଡ଼ିଥିଲେ। ଖୋଜାଖୋଜି କରିବା ପରେ କ୍ଷେତରେ ସୂର୍ଯ୍ୟକାନ୍ତିଙ୍କମୃତଦେହପଡ଼ିଥିବାଦେଖିଥିଲେ। ତୁରନ୍ତ ଏ ସମ୍ପର୍କରେ ପୁଲିସକୁ ଖବର ଦେଇଥିଲେ। ବରପାଲି ଆଇଆଇସି ତାରାଜସ୍ମିନଗୁଡ଼ିଆ, ଏସଡ଼ିପିଓଅମରେନ୍ଦ୍ରରଣା ଓ ବରପାଲି ତହସିଲଦାର ହିମାଂଶୁ ଭୋଇ ସେଠାରେ ପହଞ୍ଚିଥିଲେ। ସୂର୍ଯ୍ୟକାନ୍ତିଙ୍କ ବେକରେ ରକ୍ତଦାଗ ରହିଥିବାବେଳେ ନାକରୁ ମଧ୍ୟ ରକ୍ତ ବାହାରିଥିଲା। ଏହା ସହିତ ତାଙ୍କ ଡାହାଣ ପାଖ ଗାଲରେ କ୍ଷତଚିହ୍ନ ରହିଥିଲା। ସେ ସାଙ୍ଗରେ ନେଇଥିବା ପାଣି ବାଲ୍‌ଟି ଓ ତାଙ୍କ ଜୋତା ମଧ୍ୟ ଅନ୍ୟ ଜାଗାରେ ପଡ଼ିଥିଲା। ପୁଲିସ ଶବ ଜବତ କରିବାକୁ ଯାଉଥିବାବେଳେ ଉତ୍ତେଜନା ଦେଖାଦେଇଥିଲା। ଉପଯୁକ୍ତ ତଦନ୍ତ ଦାବି କରି ଗ୍ରାମବାସୀ ପାଟିତୁଣ୍ଡ କରିଥିଲେ। ପରେ ଏସଡ଼ିପିଓ ଶ୍ରୀ ରଣା ଓ ତହସିଲଦାର ଶ୍ରୀ ଭୋଇ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଏହି ମାମଲାରେ ପୁଲିସ ଦୁଇ ଜଣ ଯୁବକଙ୍କୁ ସନ୍ଦେହରେ ଅଟକ ରଖି ଜେରା କରୁଛି।

# ୧୦ ଅସୁସ୍ଥ, ୪ ଗୁରୁତର

ରାଇରଙ୍ଗପୁର/ଝରାଡିହି, ୨୭।୯ (ଇମିସ): ମୟୂରଭଞ୍ଜ ଜିଲ୍ଲା, ଆଦିବାସୀ ଅଧ୍ୟୁଷିତ ବହଳଦା ବ୍ଲକର ଯଶିପୁର ୟୁଜିୟୁପି ସ୍କୁଲ ଛାତ୍ରୀନିବାସର ୧୦ ଜଣ ଛାତ୍ରୀ ଭାତ ଖାଇ ଅସୁସ୍ଥ ହୋଇପଡ଼ିଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତର ଛାତ୍ରୀଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।



ଆଜି ସକାଳେ ସ୍କୁଲ ଆସିବା ପୂର୍ବରୁ ଯଶିପୁର ୟୁଜିୟୁପି ସ୍କୁଲର ଛାତ୍ରୀ ନିବାସର ଛାତ୍ରୀମାନେ ଭାତ ଖାଇଥିଲେ। ଏହି ଚାଉଳରୁ ଦୁର୍ଗନ୍ଧ ବାହାରୁଥିବା କୁହାଯାଉଛି। ଭାତ ଖାଇବା ପରେ ଦିନ ସାଢ଼େ ୧୧ଟା ବେଳକୁ କିଛି ଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ପରେ ସେମାନଙ୍କୁ ନିକଟସ୍ଥ ଝରାଡିହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ରାଇରଙ୍ଗପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

# 'ମୋ ଝିଅକୁ ଗଣଦୁଷ୍କର୍ମ ପରେ ହତ୍ୟା କରାଯାଇଛି'

ଜୟପୁର, ୨୩।୯ (ଇମିସ): ଜଣେ ନାବାଳିକାର ସନ୍ଦେହଜନକ ମୃତ୍ୟୁ ପରେ ତାର ଗଳିତ ମୃତଦେହ ମିଳିବାର ୧୨ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ୍ ତଦନ୍ତ ପାଦେ ହେଲେ ବି ଆଗେଇନି । ସଦର ଥାନା ପୁଲିସ୍ କେବଳ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଚୁପ୍ ହୋଇ ବସିଯାଇଥିଲାବେଳେ ପୀଡିତାର ପରିବାର ଘୋର ମାନସିକ ଦୁଶ୍ଚିନ୍ତା ଦେଇ ଗତି କରୁଛନ୍ତି । ଏପଟେ ଜୟପୁର ଡାକ୍ତରଖାନା କର୍ତ୍ତୃପକ୍ଷ ଶବ ବ୍ୟବଚ୍ଛେଦ ରିପୋର୍ଟ ଦେବାରେ ଅହେତୁକ ବିଳମ୍ବ କରି ଚାଲିଛନ୍ତି । ତାଙ୍କ ଝିଅକୁ ଅପହରଣ କରାଯାଇ ଗଣଦୁଷ୍କର୍ମ ପରେ ହତ୍ୟା କରାଯାଇଛି ବୋଲି ଝିଅର ବାପା ବାରମ୍ବାର କହୁଥିଲେ ମଧ୍ୟ ପୁଲିସ୍ ଶୁଣୁନି । ଫଳରେ ଅସହାୟ ବାପା ବାଧ୍ୟ ହୋଇ ଏହି ଘଟଣାର ତଦନ୍ତ ପାଇଁ ପୁଲିସ୍ ଡିଜି, ମାନବାଧିକାର କମିଶନ, ମହିଳା କମିଶନଙ୍କୁ ଜଣାଇଛନ୍ତି ।

ସ୍ଥାନୀୟ ସମ୍ବାରତୋଟା ନିକଟସ୍ଥ ମାଣ୍ଡିଆଭଙ୍ଗା ଅଞ୍ଚଳର ବି. ଚନ୍ଦ୍ରରାଓଙ୍କ ଝିଅ ବି. ଭବାନୀ(୧୬) ଗତ ୬ତାରିଖ ରାତିରୁ ନିଖୋଜ ଥିଲେ। ସେଦିନ ଭୋର ୪ଟା ସମୟରେ ବି. ଚନ୍ଦ୍ରରାଓ ଉଠିବା ସମୟରେ ଦେଖିଲେ ଯେ, ଝିଅ ନାହିଁକି ମୋବାଇଲ ନାହିଁ । ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଝିଅ କିମ୍ବା ମୋବାଇଲ୍‌ର କୌଣସି ସନ୍ଧାନ ପାଇ ନ ଥିଲେ । ପରେ ସେ ଜୟପୁର ଟାଉନ୍ ଥାନାରେ ଏଥିନେଇ ଅଭିଯୋଗ କରିଥିଲେ । ତାଙ୍କ ଝିଅକୁ ଅଜୟ ମାଝୀ ନାମକ ଜଣେ ନାବାଳକ ଏକ ତରଫା ପ୍ରେମ କରୁଥିଲା ଏବଂ ସେ ଅପହରଣ କରି ନେଇଥାଇପାରେ ବୋଲି ପୁଲିସ୍ ନିକଟରେ ପ୍ରକାଶ କରିଥିଲେ । ପୁଲିସ୍ ଏହି ଘଟଣାରେ କେବଳ ଅଜୟ ମାଝୀଙ୍କୁ ଅଟକ ରଖି ପରେ ଛାଡି ଦେଇଥିଲା । ଏହାପରେ ଗତ ୧୧ତାରିଖରେ ମୂଳାସର ନିକଟସ୍ଥ ମୁଖ୍ୟ କେନାଲରେ ଏକ ଶବ ଭାସୁଥିବାର କିଛି ଲୋକ ଦେଖିବାକୁ ପାଇଥିଲେ । ପୁଲିସ୍ ଓ ବି. ଚନ୍ଦ୍ରରାଓଙ୍କ ପରିବାର ଏ ଖବର ପାଇବା ପରେ ଏହା ଭବାନୀଙ୍କ ଶବ ବୋଲି ଜଣାପଡିଥିଲା । ଏଥିନେଇ ସଦର ଥାନା ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଷ୍ଟମର୍ଟମ କରିବାକୁ ଜୟପୁର ଡାକ୍ତରଖାନାକୁ ପଠାଇ ଦେଇଥିଲା । ହେଲେ ପରିବାର ଲୋକଙ୍କ କହିବାନୁଯାୟୀ, ଭବାନୀ ଜଣେ ଶାନ୍ତ ସରଳ ଝିଅ ଏବଂ କାହା ସହ ବେଶୀ କଥାବାର୍ତ୍ତା କରେନାହିଁ । ଘରେ ତାକୁ ନେଇ କିଛି ଝଗଡା ମଧ୍ୟ ହୋଇନାହିଁ । କୌଣସି ଯୁବକ ସହ ତାର ଖରାପ ସମ୍ପର୍କ ନ ଥିଲା । ସେ ଆତ୍ମହତ୍ୟା କରିଥିବ ବୋଲି ବିଶ୍ୱାସ ହେଉନାହିଁ । ତେଣୁ ତାଙ୍କୁ ଅପହରଣ କରି ଗଣ ଦୁଷ୍କର୍ମ କରିବା ପରେ ସୁଚିନ୍ତିତ ଭାବେ ହତ୍ୟା କରି କେନାଲ୍‌କୁ ଫିଙ୍ଗି ଦେଇଥିବା ସନ୍ଦେହ ହେଉଛି ବୋଲି ପରିବାର ପକ୍ଷରୁ କୁହାଯାଇଥିଲା ।

## ଦୃଷ୍ଟିହୀନ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଘଟଣା

# ପୀଡ଼ିତା ପରିବାରକୁ ପୁଲିସର ଧମକ

ପୁରୀ,୧୨/୯(ଇମିସ): ପୁରୀ-କୋଣାର୍କ ବେଳାମାର୍ଗର କାଜୁ ଜଙ୍ଗଲ ଭିତରେ ଜଣେ ଦୃଷ୍ଟିହୀନ ନାବାଳିକା ଛାତ୍ରୀକୁ ଦୁଷ୍କର୍ମ ପରେ ହତ୍ୟା କରାଯିବା ଘଟଣା ଦିଲ୍ଲୀର ବହୁଚର୍ଚ୍ଚିତ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଘଟଣାଠାରୁ କିଛି କମ୍ ସ୍ପର୍ଶକାତର ନୁହେଁ । ଏହାସତ୍ତ୍ୱେ ପୁଲିସ ତଦନ୍ତ ହାଲ୍କା ଭାବେ ହୋଇଛି । ମାମଲାରେ ଏକାଧିକ ଅଭିଯୁକ୍ତ ରହିଥିଲେ ମଧ୍ୟ ପୁଲିସ ତଦନ୍ତ ବେଳେ ମୂଳ ରହସ୍ୟକୁ ଉନ୍ମୋଚନ କରିବାରେ ଅବହେଳା କରିଛି । ଏଭଳି ଅଭିଯୋଗଗୁଡିକ ପଦାକୁ ଆସିବା ପରେ ତଦନ୍ତକାରୀ ପୁଲିସ ତରବରିଆ ଭାବେ ତଦନ୍ତ ରିପୋର୍ଟ ସହ ଚାର୍ଜସିଟ୍ ଦାଖଲ କରି ଦେଇଛି । ଚାର୍ଜସିଟ୍ ଦାଖଲ କରିବା ପରେ ଗତ ୫ ତାରିଖରେ ତଦନ୍ତକାରୀ ଅଫିସର ତଥା ସଦର ଥାନାବାବୁ ବେଲଦଳସ୍ଥିତ



ପୁରୀ ଏସ୍‌ପି ଅଫିସରେ ନାବାଳିକାର ଜେଜେ ମା'

ନାବାଳିକାର ବାସଭବନକୁ ଯାଇ ପରିବାର ସଦସ୍ୟମାନଙ୍କ ନାନା ଧମକ ଚମକ ଦେଇଥିବା ନେଇ ସିଧା ଅଭିଯୋଗ ହୋଇଛି । ନାବାଳିକାର ପରିବାରକୁ ନ୍ୟାୟ ଦେବା ପରିବର୍ତ୍ତେ ପୁଲିସ ମାମଲାକୁ ଚପାଇ ଦେବାକୁ ଉଦ୍ୟମ କରିଥିବା ନେଇ ପରିବାର ଲୋକେ ପୁରୀ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି । ପରିବାର ଲୋକେ ଅଭିଯୋଗ କରିଛନ୍ତି ଏହି ତଦନ୍ତକରୀ ଅଫିସର ମୃତା ନାବାଳିକାଙ୍କ ଚରିତ୍ର ଉପରେ ଆରୋପ ଆଣିଛନ୍ତି । ମୃତ ନାବାଳିକା ପ୍ରତି ନାନା ଅସମ୍ମାନ ସୂଚକ ଶବ୍ଦ ପ୍ରୟୋଗ କରିଛନ୍ତି । ବେଳଦଳ ଗାଁକୁ ଯାଇ ମାମଲା ଚପାଇ ଦେବାକୁ ପରିବାର ସଦସ୍ୟମାନଙ୍କୁ ଧମକ ଚମକ ଦେଇଛନ୍ତି । ପୀଡ଼ିତା ନାବାଳିକାର

# ବିଜେଡି ପାଇଁ ଥାନା ଅଧିକାରୀଙ୍କ ହାକିମାତି

କଟକ,୧୭।୯(ଇମିସ): ଶାସକ ଦଳର ନେତାଙ୍କ ପାଇଁ ଆଠଗଡ଼ ଥାନା ଅଧିକାରୀ ହାକିମାତି କରୁଛନ୍ତି। ଏ ସଂପର୍କିତ ଏକ ଅଡିଓ ସିଡ଼ି ଏବେ ହସ୍ତଗତ ହୋଇଛି। ଅଡିଓ ସିଡି ପ୍ରଚାର ହେବା ପରେ ଶାସକ ଦଳକୁ ଆଠଗଡ଼ରେ ଜିତାଇବା ପାଇଁ ଆଠଗଡ଼ ଶାସନ କଳ ପୁରା ଦମ୍‌ରେ ଲାଗି ପଡିଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ସିଡିରେ ଥାନା ଅଧିକାରୀ ତାଙ୍କ ଅଧସ୍ତନ ଗ୍ରାମରକ୍ଷୀଙ୍କ ପୁଅ ଝରି ନାୟକଙ୍କୁ ଡାକି ବିଜେଡି ବିରୋଧରେ ନ ଯିବାକୁ ଧମକ ଚମକ ଦେଇଛନ୍ତି। ବିଜେଡି ପାଇଁ ପ୍ରଚାର ନ କରିବାକୁ ପରୋକ୍ଷରେ ଶୁଣାଇ ଦେଇଛନ୍ତି। କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ଭୋଗିବାକୁ ପଡିବ ବୋଲି ପରୋକ୍ଷରେ କହିଛନ୍ତି। ବିଜେଡି ପ୍ରାର୍ଥୀଙ୍କୁ କାହିଁକି ସମର୍ଥନ କରୁନାହଁ ବୋଲି ବିଭିନ୍ନ ଆଳରେ ଶ୍ରୀ ନାୟକଙ୍କୁ ଥାନା ଅଧିକାରୀ ପ୍ରଶ୍ନ କରିଛନ୍ତି। ତୁରନ୍ତ ଦେଖାକରି ସମାଧାନ କରି ଦେବାକୁ ଧମକ ଦେଇଛନ୍ତି।

ଏହି ଅଡିଓ ସିଡି ପ୍ରଚାର ହେବାପରେ ଆଠଗଡ଼ରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶାସକ ଦଳ ପାଇଁ ଜଣେ ଥାନା ଅଧିକାରୀ ନିର୍ବାଚନ ପୂର୍ବରୁ ତାଙ୍କ ଅଧସ୍ତନ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ଥାନାକୁ ଡାକି ଏଭଳି ଧମକ ଚମକ ଦେବା ଘଟଣାକୁ ନିନ୍ଦା କରାଯାଇଛି। ଏ ନେଇ କଂଗ୍ରେସ ପକ୍ଷରୁ ଆଠଗଡ଼ ଥାନା ଅଧିକାରୀ ଜ୍ଞାନରଂଜନ ସାମଲଙ୍କ ବହିଷ୍କାର ଦାବି କରାଯାଇଛି। କଂଗ୍ରେସ ପକ୍ଷରୁ ଏକ ପ୍ରତିନିଧି ଦଳ ପୁଲିସ ମହାନିର୍ଦ୍ଦେଶକ, ଗ୍ରାମାଞ୍ଚଳ ଏସ୍‌ପି, ରାଜ୍ୟ ନିର୍ବାଚନ କମିସନରଙ୍କୁ ଭେଟି ଅଡିଓ ସିଡି ପ୍ରଦାନ କରିଛନ୍ତି।

## ଶାସକ ଦଳ ବିରୋଧରେ ନ ଯିବାକୁ ଅଧସ୍ତନ କର୍ମଚାରୀଙ୍କ ପୁଅକୁ ତାଗିଦ୍

ପ୍ରକାଶ ଯେ, ଆଠଗଡ଼ ଥାନା ଅଧିକାରୀ ଥାନା ଅଧୀନରେ କାର୍ଯ୍ୟ କରୁଥିବା ଜଣେ ଗ୍ରାମରକ୍ଷୀଙ୍କ ପୁଅକୁ ଥାନାକୁ ଡାକିଥିଲେ। ଅଭିଯୋଗ ଥିଲା ଗ୍ରାମରକ୍ଷୀଙ୍କ ପୁଅ କଂଗ୍ରେସ ପାଇଁ ପ୍ରଚାର କରୁଛନ୍ତି। ବିଧାୟକଙ୍କ ଠାରୁ ଫୋନ୍ ପାଇବା ପରେ ଥାନା ଅଧିକାରୀ ଗ୍ରାମରକ୍ଷୀଙ୍କ ପୁଅ ଝରିଙ୍କୁ ଥାନାକୁ ଡାକିଥିଲେ। ଅଡିଓ ସିଡିରେ ରେକର୍ଡ ହୋଇଥିବା କଥୋପକଥନ ମୁତାବକ, 'ତୋ ନାଁରେ କାହିଁ ଏତେ କଥା କାନକୁ ଆଇବ, ତୁ ଡ୍ରାଇଭିଂ କରୁଛୁ, ଦି ପଇସା କମଉଛୁ, ତୁ କାହିଁ ଏତେ କଥାରେ ମୁଣ୍ଡ ପୂରାଉଛୁ, ତୋ କଥା କାହିଁ ବୁଢା କାନକୁ (ବିଧାୟକଙ୍କୁ ଲକ୍ଷ୍ୟ କରି) ଯାଉଛି। ତୁ କାହିଁ ଏତେ କଥାରେ ମାତୁଛୁ, ପୂଜା ବାହାନାରେ ତୁ ପ୍ରଚାର କରୁଛୁ, ଏମ୍‌ଏଲଏ ଆଜି ଫୋନ୍ କରିଥିଲେ, କହିଲେ, ଆରେ ସେ ଝରି ନାୟକ କିଏ କି? ମୁଁ କହଲି ସେଟା ଆମ ଗ୍ରାମରକ୍ଷୀର ପୁଅଟା...। ତୁ ଏଥିର କାହିଁ ମାତୁଛୁ, ପୂଜା ତ ସଲା। ସିଏ ଯଦି ମିଛ କହୁଛନ୍ତି ସେ ବିଜେଡି ଲୋକକୁ ଡାକିବା, ତୁ ତାକୁ ବେକାରିଆ କହୁଛୁ ମାନେ ଏଥିରୁ ଜଣାପଡୁଛି ତୁ ତାକୁ ସପୋର୍ଟ କରୁଛୁ, ତୁ ଏତେ କଥାରେ କାହିଁ ମୁଣ୍ଡ ପୂରାଉଛୁ। ତୋ ପାଇଁ ଆମେ କାହା ଏତେ କଥା ଶୁଣିବୁ ଯା ଦେଖା କରିକି ତୋ କାମ ଛିଡା....' ବୋଲି ଥାନା ଅଧିକାରୀ ଗ୍ରାମରକ୍ଷୀଙ୍କ ପୁଅକୁ କହିଛନ୍ତି। ଏହି ଘଟଣା ପରେ ଆଠଗଡ଼ରେ ମୁକ୍ତ ତଥା ଅବାଧ ନିର୍ବାଚନକୁ ନେଇ ସନ୍ଦେହ ଉପୁଜିଛି। ଏଠାରେ ନିର୍ବାଚନ ପରିଚାଳନା ପାଇଁ ଆଠଗଡ଼ ଥାନା ଅଧିକାରୀଙ୍କୁ ଦାୟିତ୍ୱରେ ନ ରଖିବା ଓ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଂଗ୍ରେସ ନେତୃମଣ୍ଡଳୀ ଦାବି କରିଥିଲେ। ଏଠାରେ ଉତ୍ତେଜନା ପ୍ରବଣ ବୁଥ୍‌ରେ ସିସି କ୍ୟାମେରା ଲଗାଇବାକୁ କଂଗ୍ରେସ ନେତୃ ମଣ୍ଡଳୀ ଦାବି କରିଛନ୍ତି। କଂଗ୍ରେସ ପକ୍ଷରୁ ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିସନରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରତିନିଧି ଦଳରେ ଜିଲ୍ଲା ସଭାପତି ପ୍ରକାଶ ବେହେରା, କଂଗ୍ରେସ ନେତା ରବିନ୍ଦ୍ର କୁମାର ମଲ୍ଲିକ, ଉତ୍କଳକେଶରୀ ରାଉତରାୟ, ଅଶୋକ ସାମଲ, ବିଶ୍ୱଜିତ ଦାସ, ମନୋଜ ସାହୁ, ପ୍ରଦୀପ୍ତ ଦାସ, ଦୀପକ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ। ଏ ସଂପର୍କରେ ଆଠଗଡ଼ ଥାନା ଅଧିକାରୀ ଜ୍ଞାନରଂଜନ ସାମଲଙ୍କୁ ପଚାରିବାରେ, ସେ ଝରିଆ ନାୟକକୁ ଥାନାକୁ ଡାକିଥିବା ସ୍ୱୀକାର କରିଛନ୍ତି। ଝରିଆ ନାୟକ ୧୦୮ ଆମ୍ବୁଲାନ୍ସର ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ଏହି ଆମ୍ବୁଲାନ୍ସଟି ଆଠଗଡ଼ ଥାନା ଦାୟିତ୍ୱରେ ଥିବାରୁ ଝରିଆକୁ ସେ ପଚାରିବାରେ କିଛି ଅସୁବିଧା ନାହିଁ। ଝରିଆ ଥାନା ଆଗରେ ଗାଡ଼ି ରଖି ନିର୍ବାଚନ ପ୍ରଚାରକୁ ଯାଇଥିବା ଅଭିଯୋଗ ହେବା ପରେ ସେ ତାକୁ ଥାନାକୁ ଡାକି ପଚରାଉଚରା କରିଥିବା କହିଛନ୍ତି।

# ଦେହଜୀବୀ ବୋଲି...

ଖଣ୍ଡଗିରି,୧୭।୯(ଇମିସ): ଜଣେ ଦେହଜୀବୀ ବୋଲି ତାଙ୍କ ଅଭିଯୋଗକୁ ପ୍ରାଧାନ୍ୟ ଦିଆଯାଉନହିଁ। ସମସ୍ତେ ମିଳିମିଶି ଚାପି ଦେବାକୁ ଉଦ୍ୟମ ଚଳାଇଛନ୍ତି। ତାଙ୍କ ଅଭିଯୋଗରେ ଅଭିଯୁକ୍ତଭାବେ ଏଭଳି ବ୍ୟକ୍ତିବିଶେଷଙ୍କ ନାମ ସବୁ ରହିଛି, ଯାହାକି ରାଜ୍ୟରେ ହଇଚଇ ସୃଷ୍ଟି କରନ୍ତା। ବହୁ ବଡ ବଡ ପଦାଧିକାରୀ ଓ ବ୍ୟବସାୟୀମାନଙ୍କ ଲମ୍ବା ତାଲିକା ରହିଛି ଅଭିଯୋଗରେ । ମାତ୍ର ସବୁ କିଛି ଚାପି ହୋଇଯିବାକୁ ବସିଛି। ଏଭଳି ମାମଲାର ଖୁଲାସା ହୋଇଥିଲେ ରାଜ୍ୟତମାମ୍ ପଡୁଥାଆନ୍ତା ଉଠୁ ଥାଆନ୍ତା। ମାତ୍ର ସେ ଜଣେ ଦେହଜୀବୀ। ତେଣୁ ତାଙ୍କ କଥାରେ ଗୁରୁତ୍ୱ ଦିଆଯାଉନାହିଁ। ଏ ହେଉଛି ଏକ ସେକ୍ସ ର୍ୟାକେଟର ଶିକାର ହୋଇ ମହିଳା ଥାନାର ଦ୍ୱାରସ୍ଥ ହୋଇଥିବା ଟିନା(ଛଦ୍ମନାମ)ର କଥା। ରାଜଧାନୀରେ ଚାଲିଥିବା ଏକ ବଡ଼ ସେକ୍ସ ର୍ୟାକେଟକୁ ଧରାଇ ଦେବା ସହ ନ୍ୟାୟ ପାଇବା ଆଶାରେ ଟିନାଙ୍କ ଲଢ଼େଇ ଏବେ ଚାପି ହୋଇଯିବାକୁ ବସିଛି ବୋଲି ସେ ଅଭିଯୋଗ କରିଛନ୍ତି।

## ଅଭିଯୋଗକୁ ମଳିମିଶି ଚାପି ଦେବାକୁ ଉଦ୍ୟମ

ପ୍ରାପ୍ତ ସୂଚନାନୁସାରେ ଗତ ୧୩ ତାରିଖରେ ଟିନା ଏକ ମହିଳା ଫୋରମ୍ ସହାୟତାରେ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କୁ ଦେହ ବ୍ୟବସାୟରେ ଲିପ୍ତ କରାଇଥିବା ପ୍ରଶାନ୍ତଙ୍କ ନାମରେ ସେ ଏହି ଗୁରୁତର ଅଭିଯୋଗ ଆଣିଛନ୍ତି। ବିବାହର ପ୍ରତିଶ୍ରୁତି ଦେଇ ଶେଷରେ ପ୍ରଶାନ୍ତ ତାଙ୍କୁ ପ୍ରତାରିତ କରିଛି ବୋଲି ଟିନା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ କେବଳ ଏତିକିରେ ଟିନାଙ୍କ ଅଭିଯୋଗ ସରିନାହିଁ। ରାଜଧାନୀ ସିଆର୍‌ପିଏଫ୍ ଅଞ୍ଚଳର ନାନୀ ନାମକ ଜଣେ ରାଣୀ ମହୁମାଛିଙ୍କ ସହ ପ୍ରଶାନ୍ତ ଏହି ବଡ଼ ଧରଣର ସେକ୍ସ ର୍ୟାକେଟ୍ ଚଳାଇ ଆସୁଛି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ନାନୀଙ୍କ ହାତ ବହୁ ଲମ୍ବା ଓ ତାଙ୍କ ଗରାଖ ତାଲିକାରେ ରାଜ୍ୟ ବହୁ ପଦାଧିକାରୀଙ୍କ ସମେତ ବହୁ ବଡ଼ ବଡ଼ ବ୍ୟବସାୟୀ ଜଡ଼ିତ ବୋଲି ସେ କହିଛନ୍ତି। କିନ୍ତୁ ଏବେ ଟିନାଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉନଥିବା ସେ ଅଭିଯୋଗ କରିଛନ୍ତି। କାରଣ ସେ ଜଣେ ଦେହଜୀବୀ। ସମାଜରେ ଏକ ଘୃଣ୍ୟ ବେପାରରେ ଜଡ଼ିତ ଥିବା ଏହି ଝିଅଟିର କଥାର ଓଜନ ନାହିଁ। ମାତ୍ର ତାଙ୍କୁ ଏଭଳି ଘୃଣ୍ୟ ରାସ୍ତାକୁ ଆଣିଥିବା ବ୍ୟକ୍ତିଟିର ଯେମିତି କିଛି ଦୋଷ ନାହିଁ। କେବଳ ସେ କାହିଁକି ଏମିତି ବହୁ ଟିନା ଏହି ସେକ୍ସ ର୍ୟାକେଟର ଶିକାର ହେଉଥିବାବେଳେ ପୁଲିସ ଏଭଳି ମାମଲାକୁ ଚାପି ଦେବାକୁ ବସିଥିବାରୁ ସେ ଗଭୀର ମର୍ମାହତ।

ବ୍ରହ୍ମଗିରି ଅଞ୍ଚଳର ଟିନାର ଅଭିଯୋଗ ଅନୁସାରେ ଗତ ୨୦୦୭ ମସିହାରେ ପିପିଲି ଅଞ୍ଚଳର ପ୍ରଶାନ୍ତ ସାହୁ ନାମକ ଜଣେ ଯୁବକଙ୍କୁ ଭଲ ପାଇ ବସିଥିଲେ। ସେତେବେଳେ ଟିନାକୁ ମାତ୍ର ୧୫ ବର୍ଷ ବୟସ ହୋଇଥିଲା। ତେଣୁ ପ୍ରଶାନ୍ତ ଜଣେ ଝିଅ ଦଲାଲ ବୋଲି ଟିନା ଜାଣି ପାରି ନଥିଲେ। ମନ୍ଦିରରେ ବିବାହ କରିବା ପରେ ପ୍ରଶାନ୍ତ ଟିନାକୁ ଭୁବନେଶ୍ୱର ଆଣି ଚତୁରତାର ସହ ଦେହ ବ୍ୟବସାୟରେ ଭର୍ତି କରିଥିଲା। ଏଥିରେ ପଇସା ଅଛି ଓ ବଡ଼ ଲୋକ ହେବା ପରେ ସେମାନେ ଗାଁକୁ ଫେରି ଘର ସଂସାର କରିବେ ବୋଲି ପ୍ରଶାନ୍ତ ଟିନାକୁ ବୁଝାଇଥିଲେ। ସରଳମନା ଟିନା ପ୍ରଥମେ ପ୍ରଥମେ ମନା କରିଥିଲେ ବି ଶେଷରେ ନାନୀଙ୍କ ଜାଲ୍‌ରେ ଫସି ଯାଇଥିଲା। ମାତ୍ର ଏବେ ପ୍ରଶାନ୍ତ ଟିନାକୁ ଛାଡ଼ି ବାଙ୍କୀ ଗୋପାଳପୁର ଅଞ୍ଚଳର ଅନ୍ୟ ଜଣେ ଝିଅକୁ ବିବାହ କରିଛି। ଗତ ୧୩ ତାରିଖ ଦିନ ଯାଁଳା ବାଟ ଭୁଆସୁଣୀ ମନ୍ଦିରରେ ଏହି ବିବାହ ଚାଲିଥିବାବେଳେ ଉକ୍ତ ମହିଳା ଫୋରମର ସଦସ୍ୟା ଓ ମହିଳା ଥାନା ପୁଲିସ ଟିନାକୁ ସାଙ୍ଗରେ ନେଇ ଚଢ଼ାଉ କରିଥିଲେ। ମାତ୍ର ପ୍ରଶାନ୍ତ ଖସି ପଳାଇବାରେ ସକ୍ଷମ ହୋଇଥିଲା। ପ୍ରଶାନ୍ତକୁ ଗିରଫ କରାଯିବା ପାଇଁ ପୁଲିସ ଉଦ୍ୟମ ଜାରି ରଖିଛି ବୋଲି ସୂଚନା ଦେଇଛି।

# ଅପହରଣକାରୀକୁ ଧରିବାରେ ପୁଲିସ୍‌ର ଆନ୍ତରିକତା ନାହିଁ

ଭୁବନେଶ୍ୱର, ୧୭।୯ (ଇମିସ): ରାଜଧାନୀ ଉପକଣ୍ଠରୁ ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ ଘଟଣାର ୧୨ଦିନକୁ ବିତିଲାଣି । ମାତ୍ର ପୁଲିସ୍ ଏପର୍ଯ୍ୟନ୍ତ ଦୁର୍ବୃତ୍ତର ସୁରାକ୍ ନ ପାଇବା ପୁଲିସ୍‌ର ନିଷ୍କ୍ରିୟତାକୁ ପଦାରେ ପକାଇଛି । ସନ୍ଦେହଘେରକୁ ଆସିଥିବା ଅଭିଯୁକ୍ତକୁ ପୁଲିସ୍ ସାମାନ୍ୟଭାବେ ପଚରାଉଚରା କରି ଛାଡ଼ିଦେବା ଘଟଣାକୁ ଆହୁରି ସଂଗିନ କରିଛି ବୋଲି କହିଛନ୍ତି ଷ୍ଟେଟ୍ ପ୍ରୋଗ୍ରେସିଭ ୱୁମେନ୍ସ ଫୋରମ୍‌ର ଅଧ୍ୟକ୍ଷା ମମତା ସାମନ୍ତରାୟ ।




ଆଜି ଫୋରମ୍ ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ସାମନ୍ତରାୟ କହିଲେ ଘଟଣାର ଏତେ ଦିନ ପରେ ମଧ୍ୟ ପୁଲିସ୍ ଘଟଣାସ୍ଥଳ ଅର୍ଥାତ୍ କଲେଜ୍‌କୁ ଯାଇ ପଚରାଉଚରା କରିବାରେ ଯଥେଷ୍ଟ ବିଳମ୍ବ କରିଛି । ଅପହରଣ ଦିନ ଦୁର୍ବୃତ୍ତଜଣକ ମୁହଁରେ ରୁମାଲ ବାନ୍ଧି ଆସିଥିବା କଲେଜର ଛାତ୍ରୀମାନେ ପ୍ରକାଶ କରିଛନ୍ତି । ଥାନା ଅଧିକାରୀଙ୍କ ଉପସ୍ଥିତିରେ ଫୋରମ୍ ପକ୍ଷରୁ ଏସବୁ ତଥ୍ୟ ସଂଗ୍ରହ କରାଯାଇଥିଲା । ମାତ୍ର ଥାନା ଅଧିକାରୀ ଅପହରଣକାରୀକୁ ଧରିବାରେ କୌଣସି ତତ୍ପରତା ପ୍ରକାଶ କରୁନାହାଁନ୍ତି । ଦୁର୍ବୃତ୍ତକୁ ଧରିବା ଲାଗି ପୁଲିସ୍ ପାଖରେ ଅନେକ ସୁରାକ ଥିଲେ ମଧ୍ୟ ପୁଲିସ୍ ତାହା କରୁନାହିଁ । ତେଣୁ ଏଭଳି ଅଧିକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀମତୀ ସାମନ୍ତରାୟ ଦାବି କରିଥିଲେ । ଆଗାମୀ ୨-୩ଦିନ ମଧ୍ୟରେ ପୁଲିସ୍ ଯଦି ଅପରାଧୀକୁ ଧରିବାରେ କୌଣସି ତତ୍ପରତା ପ୍ରକାଶ ନ କରେ ତେବେ ଫୋରମ୍ ପକ୍ଷରୁ ପୁଲିସ୍ କମିସନର ଓ ମୁଖ୍ୟମନ୍ତ୍ରୀଙ୍କ ଘର ଘେରାଉ କରାଯିବ ବୋଲି ସେ ସତର୍କ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ବିନ୍ଦୁଶ୍ରୀ ଖଣ୍ଡାୟତ, ପ୍ରଭାତୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ । ।

# ପୂଲିସ ଅଧିକାରୀଙ୍କୁ ବର୍ଷେ ୮ ମାସ ଜେଲ୍

ରଣପୁର, ୧୮।୯ (ଇମିସ): ନୟାଗଡ଼ ଜିଲ୍ଲା ରଣପୁର ଥାନାରେ କାର୍ଯ୍ୟରତ ତତ୍କାଳୀନ ସବ୍‌ଇନ୍‌ସପେକ୍ଟର ଖଦାଳ ମହାନ୍ତିଙ୍କୁ ରଣପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଲୋପାମୁଦ୍ରା ପଣ୍ଡା ୧ ବର୍ଷ ୮ ମାସ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ରଣପୁର ଥାନା ଅନ୍ତର୍ଗତ କଙ୍କିଆ ଗାଁର ପୂର୍ଣଚନ୍ଦ୍ର ପ୍ରଧାନ ଓ ତାଙ୍କ ଭାଇଙ୍କ ମଧ୍ୟରେ ଜମିବାଡ଼ିକୁ କେନ୍ଦ୍ର କରି ବିବାଦ ଲାଗି ରହିଥିଲା। ପୂର୍ଣଚନ୍ଦ୍ରଙ୍କ ଭାଇ ଏ ସମ୍ପର୍କରେ ୨୬-୭-୨୦୧୧ରେ ରଣପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ତତ୍କାଳୀନ ସବ୍‌ଇନ୍‌ସପେକ୍ଟର ଖଦାଳ ମହାନ୍ତି ପୂର୍ଣଚନ୍ଦ୍ର ଓ ତାଙ୍କ ପତ୍ନୀ ବାସନ୍ତୀ ପ୍ରଧାନଙ୍କୁ ଥାନାକୁ ଡକାଇ ଏକ ସାଦା କାଗଜରେ ଦସ୍ତଖତ କରିବାକୁ ବାଧ୍ୟ କରିଥିଲେ। ତେବେ ଏଥିରେ ଏହି ଦମ୍ପତି ରାଜି ନହେବାରୁ ଶ୍ରୀ ମହାନ୍ତି ସେମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇବା ସହ ଅଶ୍ରାବ୍ୟ ଭାଷାରେ ଗାଳି ଓ ମାଡ଼ମାରି ଜୋର୍‌ଜବରଦସ୍ତ ଦସ୍ତଖତ କରାଇ ନେଇଥିଲେ। ଏହାର ପ୍ରତିବାଦରେ ବାସନ୍ତୀ ରଣପୁର କୋର୍ଟରେ ଘଟଣାର ଦୁଇଦିନ ପରେ ଏକ ମିସ୍ କେସ୍ ଦାୟର କରିଥିଲେ। ଏ ସମ୍ପର୍କରେ କୋର୍ଟ ୫୭/୧୧ ନମ୍ବରରେ ଏକ ମାମଲା ରୁଜୁ କରି ମାମଲାର ଶୁଣାଣି କରିଥିଲେ। ୨ ବର୍ଷ ଧରି କୋର୍ଟରେ ଏହି ମାମଲା ଚାଲିଥିଲା। ଶେଷରେ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ମାଜିଷ୍ଟ୍ରେଟ୍ ଲୋପାମୁଦ୍ରା ପଣ୍ଡା ଆଜି ସବ୍‌ଇନ୍‌ସପେକ୍ଟର ଖଦାଳ ମହାନ୍ତିଙ୍କୁ ୧ ବର୍ଷ ୮ ମାସ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି।

# ଆକ୍ସନ୍ ଇସ୍ପାତରେ ଦୁର୍ଘଟଣା, ଦୁଇ ଆହତ

## ଜଣେ ଗୁରୁତର, ଉତ୍ତ୍ୟକ୍ତ କର୍ମଚାରୀଙ୍କ ଭଙ୍ଗାରୁଜା

ଝାରସୁଗୁଡ଼ା, ୨୩/୯ (ଇମିସ): ମାରାକୁଟାରେ ଥିବା ଆକ୍ସନ ଇସ୍ପାତ ଆଣ୍ଡ ପାୱାର ପ୍ରାଇଭେଟ ଲିମିଟେଡରେ ସୋମବାର ଦିନ ଦୁର୍ଘଟଣା ଘଟି ଦୁଇ ଜଣ ଶ୍ରମିକ ଆହତ ହୋଇଛନ୍ତି। ସେମାନେ ହେଲେ ଅଭିମନ୍ୟୁ ଭଇଁସା (୩୫ ବର୍ଷ) ଏବଂ ଜନାର୍ଦ୍ଦନ ମେହେର (୨୮ ବର୍ଷ)। ଅଭିମନ୍ୟୁଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କ ଉପରେ ଗରମ ଡଷ୍ଟ ପଡ଼ିଯିବାରୁ ଶରୀରର ପ୍ରାୟ ୩୫ ଭାଗ ପୋଡ଼ି ଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଝାରସୁଗୁଡ଼ାର ସମଲେଶ୍ୱରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ରାଉରକେଲାର ଇସ୍ପାତ ଜେନେରାଲ ହସ୍ପିଟାଲକୁ ସ୍ଥାନାନ୍ତର କରିବା ଲାଗି ଡାକ୍ତର ପରାମର୍ଶ ଦେଇଥିଲେ। ଦିନ ପ୍ରାୟ ଗୋଟାଏ ସମୟରେ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍‌ସରେ ଅଭିମନ୍ୟୁଙ୍କୁ ରାଉରକେଲା ନିଆଯାଇଥିଲା। ସେହିପରି ଦୁର୍ଘଟଣାରେ ଜନାର୍ଦ୍ଦନଙ୍କ ବାମ ହାତର କିଛି ଅଂଶରେ ଗରମ ଡଷ୍ଟ ପଡ଼ିଯିବାରୁ ସାମାନ୍ୟ କ୍ଷତ ହୋଇଛି। ତାଙ୍କୁ ମଧ୍ୟ ସମଲେଶ୍ୱରୀ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା। ଉଭୟେ ଅଭିମନ୍ୟୁ ଏବଂ ଜନାର୍ଦ୍ଦନ ପ୍ଲାଣ୍ଟରେ ହେଲପର ଭାବରେ କାର୍ଯ୍ୟ କରୁଥିଲେ। ସୋମବାର ସକାଳ ପ୍ରାୟ ୧୧.୩୦ ମିନିଟରେ ଦୁହେଁ ଅନ୍ୟ ୭-୮ ଜଣ କର୍ମଚାରୀଙ୍କ ସହ ମିଶି ଡଷ୍ଟ ସେଟଲିଂ ଚାମ୍ବର(ଡିଏସ୍‌ସି) ନିକଟରେ କାର୍ଯ୍ୟ କରୁଥିଲେ। ଏହି ସମୟରେ ଚାମ୍ବର ଉପରେ ଥିବା ଢାଙ୍କୁଣୀ ବନ୍ଦ ଥିବାରୁ ଅତ୍ୟଧିକ ଚାପ ପାଇ, ଉତ୍ତପ୍ତ ଡଷ୍ଟ ସବୁ ଚାମ୍ବରରୁ ବାହାରି ପଡ଼ିଥିଲା। ଯାହାକି ଅଭିମନ୍ୟୁଙ୍କ ଉପରେ ପଡ଼ିବା ସହ ଅଳ୍ପ କିଛି ଜନାର୍ଦ୍ଦନଙ୍କ ହାତରେ ପଡ଼ିଥିଲା। ଏହି ଘଟଣା ପରେ ପ୍ଲାଣ୍ଟ ପରିସରରେ ଶ୍ରମିକ ଓ କର୍ମଚାରୀଙ୍କ ମଧ୍ୟରେ କିଛି ସମୟ ଲାଗି ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ କର୍ମଚାରୀ ଅଫିସରେ ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ଉପଯୁକ୍ତ ସୁରକ୍ଷା ସୁବିଧା ସହ ଆହତଙ୍କୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ଦଳିତ ମହିଳାଙ୍କୁ ଅସଦାଚରଣ, ଜଣେ ଗିରଫ

ଓଡ଼ଗାଁ, ୨୦।୯ (ଇମିସ): ଜଣେ ଦଳିତ ବର୍ଗର ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଶରଣକୁଳ ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି।

ଅଭିଯୋଗ ଅନୁଯାୟୀ ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଖଳିପାଟଣା ଗ୍ରାମର ସନ୍ତୋଷ ନାୟକଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ନାୟକ (୨୭) ନିଜର ୫ ବର୍ଷର ଶିଶୁପୁତ୍ରକୁ ନେଇ ଶରଣକୁଳ ଷ୍ଟେଟ୍ ବ୍ୟାଙ୍କକୁ ଗତକାଲି ଯାଇଥିଲେ। ସେଠାରୁ ଅପରାହ୍ଣ ୩ଟା ବେଳେ ଫେରି ବଡ଼ପୁଟ ଛକ ଠାରୁ ଏକ ଅଟୋ (ନଂ.ଓଆର୍୨୫-୦୦୨୦) ଯୋଗେ ଗାଁକୁ ଯିବା ପାଇଁ ବସିଥିଲେ। ଏହି ସମୟରେ ବଡ଼ପୁଟ ଗାଁର ବିପିନ୍ ଦୋରା (୩୨) ନାମକ ଜଣେ ଯୁବକ ପ୍ରଚୁର ମଦ୍ୟପାନ କରି ସେହି ଅଟୋରେ ଯିବା ପାଇଁ ଅଟୋ ଚାଳକକୁ ଧମକାଇ ଗାଡ଼ିରେ ବସିଥିଲା। କିଛିବାଟ ଯିବା ପରେ ଯୁବକ ଜଣକ ମହିଳାଙ୍କୁ ଟଣାଓଟରା କରିବା ସହ ଅସଦାଚରଣ କରିଥିଲା। ମହିଳା ଜଣକ ପ୍ରତିବାଦ କରିବାରୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରି ଧମକାଇ ଅଟୋରେ ବସିଥିବା ତାଙ୍କ ୫ ବର୍ଷ ଶିଶୁପୁତ୍ରକୁ ଗାଡ଼ିରୁ ତଳକୁ ଫୋପାଡ଼ି ଦେଇଥିଲା। ଗାଡ଼ି ଚାଳକ ଏହାର ବିରୋଧ କରିବାରୁ ବିପିନ୍ ତାଙ୍କୁ ମଧ୍ୟ ମାଡ଼ ମାରିଥିଲା। ପରେ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଯିବାରୁ ଯୁବକ ଜଣକ ସେଠାରୁ ଚାଲି ଯାଇଥିଲା। ଏ ସଂପର୍କରେ ମହିଳା ଜଣକ ଶରଣକୁଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିବା ସହ ଆଜି ତାକୁ କୋର୍ଟ ଚାଲାଣ କରିଛି। ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ତାକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# ଛାତରୁ ଖସି ପଡ଼ିଲା ଫ୍ୟାନ୍, ରୋଗୀ ଗୁରୁତର

ଭୁବନେଶ୍ୱର,୨୮।୯(ଇମିସ): କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଅଘଟଣ। ମେଲ୍ ମେଡିସିନ୍‌ରେ ଚିକିତ୍ସିତ ହେଉଥିବା ଜଣେ ପାରାଲିସିସ୍ ରୋଗୀଙ୍କ ଛାତି ଉପରେ ଖସି ପଡ଼ିଛି ଫ୍ୟାନ୍। ରୋଗୀଙ୍କ ପଞ୍ଜରାରେ ଗୁରୁତର ଆଘାତ ଲାଗିଛି। ତାଙ୍କ ଛାତିର ଏକ୍ସ ରେ' କରାଯାଇଛି। ରୋଗୀ ଜଣକ ହେଲେ ପଦ୍ମ ସାହୁ(୭୬)। ଘର ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅଧୀନ ମଙ୍ଗଳଜ୍ୟୋତିରେ। ଘଟଣା ପରେ ଏବେ କ୍ୟାପିଟାଲ୍



## କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଅଘଟଣ

ହସ୍ପିଟାଲ୍-ଜିଇଡି କର୍ତ୍ତୃପକ୍ଷ ଏବଂ ପିଡବ୍ଲ୍ୟୁଡି କର୍ତ୍ତୃପକ୍ଷଙ୍କ ମଧ୍ୟରେ ପରସ୍ପର ଦୋଷ ଲଦାଲଦି ହେଉଛନ୍ତି। କହୁଛନ୍ତି ଫ୍ୟାନ୍ ଖସିବାରେ ଆମେ ନୁହେଁ ସେ ବିଭାଗ ଦାୟୀ।

ମେଲ୍ ମେଡିସିନ୍ ବିଭାଗର ବେଡ୍ ନମ୍ବର ୧୮୨ରେ ଚିକିତ୍ସିତ ହେଉଛନ୍ତି ପଦ୍ମ। ସକାଳ ପ୍ରାୟ ୧୧ଟାବେଳେ ହଠାତ୍ ଛାତରୁ ଫ୍ୟାନ୍ ଖସି ପଡ଼ିଥିଲା ସିଧା ତାଙ୍କ ଛାତି ଉପରକୁ। ପାରାଲିସସ୍‌ରେ ଆକ୍ରାନ୍ତ ଥିବାରୁ ସେ କଥା ମଧ୍ୟ କହି ପାରୁ ଥିଲେ। ୱାର୍ଡରେ ଡ୍ୟୁଟି କରୁଥିବା ନର୍ସ ତୁରନ୍ତ ଫ୍ୟାନ୍‌ଟିକୁ ନେଇ ଯାଇଥିଲେ। ପଦ୍ମଙ୍କ ପୁଅ ପ୍ରଫୁଲ୍ଲ ଏଭଳି ଅବହେଳା ଲାଗି ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି।

ଅନ୍ୟପକ୍ଷରେ ଏ ସମ୍ପର୍କରେ କ୍ୟାପିଟାଲ୍ ହସ୍ପିଟାଲ୍‌ର ନିର୍ଦ୍ଦେଶକ ଡାକ୍ତର ସୁଧୀର ଚନ୍ଦ୍ର ମଲ୍ଲିକ କହିଛନ୍ତି ଏହା ଏକ ଦୁର୍ଭାଗ୍ୟଜନକ ଓ ଦୁଃଖଦ ଦୁର୍ଘଟଣା। ପଦ୍ମଙ୍କ ଛାତର ଏକ୍ସ ରେ' କରାଯାଇଛି। ସେଥିରେ କିଛି କ୍ଷତ ଜଣାପଡି ନାହିଁ। ତେବେ ସେହି ଫ୍ୟାନ୍ ଚଳିତ ମାସ ୧୯ ତାରିଖରେ ଖରାପ ହୋଇଥିଲା। ଆମେ ତାର ମରାମତି ଲାଗି ଜିଇଡି କର୍ତ୍ତୃପକ୍ଷଙ୍କୁ କହିଥିଲୁ। ଚଳିତ ମାସ ୨୨ ତାରିଖରେ ଜିଇଡି କର୍ମଚାରୀ ଆସି ତାର ମରାମତି କରିଥିଲେ। ମରାମତି ବେଳେ ଠିକ୍ ସେ ନଟ୍‌ବୋଲ୍ଟ୍ ନ ଲଗାଇଥିବାରୁ ଆଜି ଏଭଳି ଅଘଟଣ ଘଟିଲା। ଆପଣ ଜିଇଡି କର୍ତ୍ତୃପକ୍ଷଙ୍କୁ ପଚାରନ୍ତୁ। କିନ୍ତୁ ଘଟଣାର ତଦନ୍ତ ହେବ।

ଜିଇଡି କର୍ତ୍ତୃପକ୍ଷଙ୍କ ମତାମତ ଜାଣିବା ଲାଗି ୟୁନିଟ୍-୧ରେ ଥିବା କାର୍ଯ୍ୟାଳୟକୁ ଯାଇଥିଲୁ। ଜୁନିଅର ଇଂଜିନିୟର ପଦ୍ମଲୋଚନ ପଣ୍ଡା କହିଥିଲେ ଆମର କିଛି ଦୋଷ ନାହିଁ। ମରାମତି କାମ ଆମର। କିନ୍ତୁ ଫିଟିଂ କରିବା କାମ ପିଡବ୍ଲ୍ୟୁଡିର। ସେମାନେ ଯେତେବେଳେ ଫ୍ୟାନ୍ ଫିଟିଂ କରିଥିଲେ ସେଥିରେ ତ୍ରୁଟି ଥିବ। ଏ ନେଇ ପିଡବ୍ଲ୍ୟୁଡି କର୍ତ୍ତୃପକ୍ଷଙ୍କ ମତାମତ ନେବାକୁ ଯୋଗାଯୋଗ କରାଯାଇଥିଲା କିନ୍ତୁ ସେମାନେ ମତାମତ ଦେବାକୁ ସ୍ପଷ୍ଟ ଭାବେ ମନା କଲେ।

ଫ୍ୟାନ୍‌ଟିଏ ଖସି ଜଣେ ପାରାଲିସ୍ ରୋଗୀ ଗୁରୁତର ହେଲେ। କିନ୍ତୁ ଦାୟିତ୍ୱ ମୁଣ୍ଡାଇବାକୁ କେହି ରାଜି ନୁହନ୍ତି। ପରସ୍ପର ଉପରେ ଏଭଳି କାଦୁଅ ଫୋପଡ଼ା ଫିଙ୍ଗା ହେଉଛନ୍ତି। ପ୍ରକୃତରେ ଆଜି ଫ୍ୟାନ୍ ଖସି ପଦ୍ମଙ୍କର କିଛି କ୍ଷତି ଘଟିଥିଲେ କିଏ ଦାୟୀ ହୋଇଥାନ୍ତା ? ତାହା ଏବେ ପଦ୍ମଙ୍କ ପୁଅ ପ୍ରଫୁଲ୍ଲଙ୍କ ମନରେ ପ୍ରଶ୍ନ।

## ଡାକ୍ତରଖାନା ବାରଣ୍ଡାରେ ୭ ଘଣ୍ଟା ଛଟପଟ

# ଚିକିତ୍ସା ଅବହେଳାରୁ ଯୁବକଙ୍କ ମୃତ୍ୟୁ

ସୁକିନ୍ଦା,୧୦/୯(ଇମିସ): ଆବଶ୍ୟକ ଚିକିତ୍ସା ନପାଇ ଜଣେ ଯୁବକ ଶେଷରେ ଡାକ୍ତରଖାନା ବାରଣ୍ଡାରେ ପ୍ରାଣ ହରାଇଛନ୍ତି। ଗତ କାଲି ରାତି ୯ଟାରେ ଏହି ଯୁବକଙ୍କୁ କଳିଙ୍ଗନଗର ଥାନା ଅନ୍ତର୍ଗତ ଗୋବରଘାଟି ଟାଟା ବିସ୍ଥାପିତ କଲୋନିରୁ ଉଦ୍ଧାର କରା ଯାଇଥିଲା। ଖବର ପାଇ ଆମ୍ବୁଲାନ୍ସ କର୍ମଚାରୀମାନେ ତାଙ୍କୁ ଆଣି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଛାଡ଼ିଥିଲେ। ପ୍ରାୟ ଦେଢ଼ ଘଣ୍ଟା ଚିକିତ୍ସା ପରେ ଚେତା ଫେରିପାଇ ଯୁବକ ଜଣକ ନିଜର ପରିଚୟ ଦେଇଥିଲେ। କହିଥିଲେ; ତାଙ୍କ ନାମ ପିଣ୍ଟୁ ସାହୁ। ଘର ଆସ୍କା ଥାନା ଅନ୍ତର୍ଗତ ପଟାଙ୍ଗିପଥର ଗାଁରେ। ବାପାଙ୍କ ନାମ ପଞ୍ଚାନନ ସାହୁ। ସେ ଭୁବନେଶ୍ୱରର ଟଙ୍କପାଣି ରୋଡ୍‌ରେ ଏକ ଘରୋଇ କଂପାନିରେ କାମ କରନ୍ତି। ଗଣେଶ ପୂଜା ଅବସରରେ ଗୋବରଘାଟୀ କଲୋନିର ଜନୈକ ଯୁବତୀ ପିଙ୍କି ଘରକୁ ବୁଲିବାକୁ ଆସିଥିଲେ। ଏକଥା ବି କହିଥିଲେ; ସେମାନେ ତାଙ୍କୁ ଖାଦ୍ୟରେ କ'ଣ ମିଶାଇ ଦେଇଥିଲେ। ଯେଉଁଥି ପାଇଁ ତାଙ୍କର ଏପରି ଅବସ୍ଥା ହୋଇଛି। ତାଙ୍କ ପ୍ୟାଣ୍ଟ ପକେଟରୁ ଦାନାଦାର କିଟନାଶକ ମିଳିଥିଲା। ଦାନାଦାର କେଉଁଠୁ ଆସିଲା ପଚାରିବାରୁ ସେ କିଛି ଜାଣି ନଥିବା କହିଥିଲେ। ତାଙ୍କୁ ଯେ ହତ୍ୟା କରିବାକୁ ଉଦ୍ୟମ ହୋଇଥିଲା, ତାହା ତାଙ୍କ ବକ୍ତବ୍ୟରୁ ସ୍ପଷ୍ଟ ବାରିହୋଇ ପଡୁଥିଲା। ପିଣ୍ଟୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଂକଟାପନ୍ନ ଥିଲା। ତାଙ୍କୁ ତୁରନ୍ତ କଟକ ବଡ଼ ଡାକ୍ତରଖାନା ନେବାକୁ ଚିକିତ୍ସକ ପରାମର୍ଶ ଦେଇଥିଲେ। ହେଲେ ସାଧାରଣ ଲୋକ କେହି ଆଗକୁ ଆସିଲେନି। ପୁଲିସ-ପ୍ରଶାସନ ବି ନିରବ ରହିଲା। ଫଳରେ ସୁକିନ୍ଦା ଡାକ୍ତରଖାନା ବାରଣ୍ଡାରେ ଛଟପଟ ହୋଇ ଆଜି ଭୋରରୁ ତାଙ୍କର ମୃତ୍ୟୁ ଘଟିଲା।

ଏ ଖବର ପୁଲିସ ପାଖରେ ଥିଲା। ହେଲେ ପୁଲିସ ଏହାକୁ ଖାସ୍ ଗୁରୁତ୍ୱ ଦେଲା ନାହିଁ। ଡାକ୍ତରଖାନା କର୍ତ୍ତୃପକ୍ଷ ବି ନିଜ ପକ୍ଷରୁ କଟକ ପଠାଇବାକୁ ଉଦ୍ୟମ କଲେନାହିଁ। ଆମ ପ୍ରତିନିଧି କଳିଙ୍ଗନଗର ଆଇଆଇସିଙ୍କ ସହ ଯୋଗାଯୋଗ କରିଥିଲେ। ଆମେ ଜାଣିଛୁ, ତାଙ୍କୁ ଡାକ୍ତରଖାନାକୁ ନିଆଯାଇଛି। ଆଉ କ'ଣ କରିପାରିବୁ ବୋଲି ଉତ୍ତର ମିଳିଥିଲା। ସୁକିନ୍ଦା ପୁଲିସ ଦୁଇଜଣ ଗ୍ରାମରକ୍ଷୀଙ୍କୁ ଡାକ୍ତରଖାନାକୁ ପଠାଇ କର୍ତ୍ତବ୍ୟ ସାରି ଦେଇଥିଲେ। ଦୀର୍ଘ ୭ ଘଣ୍ଟାକାଳ ଯୁବକ ଜଣକ ଛଟପଟ ହୋଇ ଆଜି ଭୋରରୁ ମୃତ୍ୟୁବରଣ କରିଥିଲା। ରିପୋର୍ଟ ଲେଖାହେବା ସୁଦ୍ଧା ଡାକ୍ତରଖାନା ବାରଣ୍ଡାରେ ଏହି ଯୁବକଙ୍କ ଶବ ପଡ଼ି ରହିଛି। ଚିକିତ୍ସା ପାଇଁ ତାଙ୍କୁ କେହି ତ କଟକ ନେଲେନି। ତାଙ୍କୁ ହତ୍ୟା କରାଯାଇଛି କି ସେ ଆତ୍ମହତ୍ୟା କରିଛନ୍ତି, ତାହା ଜାଣିବାକୁ ପୁଲିସ ବି କିଛି ଉତ୍ସୁକତା ଦେଖାଇ ନାହିଁ। ମୃତ ଯୁବକଙ୍କ ନିକଟରୁ ଏକ ମୋବାଇଲ୍ ଫୋନ୍ ମିଳିଛି। ଏହି ମୋବାଇଲ୍ ମୃତ୍ୟୁ ରହସ୍ୟର ପର୍ଦାଫାସ୍ କରିବାକୁ ଅନେକ ଗୁରୁତ୍ୱ ରଖୁଛି। ହେଲେ ଏହି କାମ ପୁଲିସର। ମୁମୂର୍ଷୁ ଅବସ୍ଥାରେ ଛଟପଟ ହେଉଥିବା ବେଳେ ଯେଉଁଠି ସହାୟତା ମିଳିପାରିଲା ନାହିଁ, ସେଠାରେ ରହସ୍ୟ ଉନ୍ମୋଚନ ନେଇ ଆନ୍ତରିକତାର ପ୍ରଶ୍ନ ଆସୁଛି କେଉଁଠୁ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲ ପ୍ରଶ୍ନ କରିଛନ୍ତି।

# ଗାଁକୁ ରାସ୍ତା ନାହିଁ: ମେଡିକାଲ ଯିବା ବାଟରେ ଆଖି ବୁଜିଲେ ମହିଳା

କାଳିଆପାଣି, ୧୦/୯(ଇମିସ): ଯାଜପୁର ଜିଲ୍ଲାର ନକ୍ସଲ ପ୍ରବଣ ପାହାଡ଼ ତଳ ପେଣ୍ଠସାହି ଗାଁ କୁ ରାସ୍ତା ନଥିବାରୁ ଲୋକେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ରାସ୍ତା ସମସ୍ୟା ପାଇଁ ଗ୍ରାମର ସ୍ୱର୍ଗତ କାଣ୍ଡେ ମୁଣ୍ଡାଙ୍କ ବିଧବା ପତ୍ନୀ ଜିଙ୍ଗି (୫୮) ଅସୁସ୍ଥ ହୋଇ ମେଡିକାଲ ଯିବା ବାଟରେ ସୋମବାର ମୃତ୍ୟୁବରଣ କରିବା ଘଟଣା ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି। ଜ୍ୱରରେ ପଡ଼ିଥିବା ଗ୍ରାମର ଏହି ବିଧବା ମହିଳା ବୋଲେରୋରେ ବସି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯିବା ପୂର୍ବରୁ ବିଲ ହୁଡ଼ା ପାଦଚଲା ରାସ୍ତାରେ ସାଇକଲ କ୍ୟାରିଅର ଉପରେ ଆଖି ବୁଜିଛନ୍ତି।

ଗତ ତିନିଦିନ ଧରି ତାଙ୍କୁ ଅଜଣା ଜ୍ୱର ହୋଇଥିଲା। ପର ଘରେ ମୂଲ ଲାଗି ଚଳୁଥିବା ଦୁଇ ପୁଅ କାର୍ତ୍ତିକ ଓ ବିଜୟ ସୋମବାର ତାଙ୍କୁ ଦାନଗଦି ନେବେ ବୋଲି ଏକ ବୋଲେରୋ ଭଡ଼ା କରିଥିଲେ। ଗାଁକୁ ରାସ୍ତା ନଥିବାରୁ ଦଉଡ଼ିଆ ଖଟିଆ ଠିକ୍ କରାଗଲା। ହେଲେ ଗାଁରୁ ସଡ଼କ ଧରିବାକୁ ହେଲେ ଧାନକ୍ଷେତ ପଡ଼ିବ। ବର୍ଷାଦିନିଆ ଧାନକ୍ଷେତରେ ପଶି ଚାରିଜଣ ଖଟିଆ ବାହକ ଚାଲିବା କଷ୍ଟକର। ଏମିତିରେ ଦୁଇଭାଇ ମା'ଙ୍କୁ ସାଇକଲ୍ କ୍ୟାରିଅର୍‌ରେ ବସାଇଲେ। ବିଜୟ ଆଗରେ ସାଇକଲ୍ ହାଣ୍ଡେଲ୍ ଧରିଥାନ୍ତି। କାର୍ତ୍ତିକ ପଛରେ ମା'ଙ୍କୁ ଜାବୁଡ଼ି ଧରିବା ସହିତ ସାଇକଲ୍‌କୁ ଠେଲୁଥାନ୍ତି। ଏହି ସମୟରେ ଝିପିଝିପି ବର୍ଷା ହେଉଥିବାରୁ ସାଥୀ ତଥା ପଡ଼ୋଶୀ ସିଂଗରାଇ ହାଁସ୍‌ଦାଙ୍କ ପୁଅ ଶିବ ଜିଙ୍ଗିଙ୍କ ଉପରେ ଏକ ପଲିଥିନ୍ ଢାଙ୍କି ଧରିଥାନ୍ତି। ଏମିତିରେ ଦେଢ଼ କିଲୋମିଟର ବାଟ ଯିବା ପରେ ଡମଶାଳ ନାଳ ଉପରେ ଥିବା ଅଣଓସାରିଆ ପୋଲ ଉପରେ ପୁଅ ହାତରେ ଜିଙ୍ଗି ଟଳି ପଡ଼ିଥିଲେ। ଏଭଳି ଦୁଃଖଦ ଘଟଣା ଏସିଆ ମହାଦେଶର ସବୁଠୁ ଧନୀ ବ୍ଲକର ମାନ୍ୟତା ପାଇଥିବା ସୁକିନ୍ଦା ବ୍ଲକ କଅଁସ ପଞ୍ଚାୟତ ଅନ୍ତର୍ଗତ ପେଣ୍ଠସାହି ଉପର ବସ୍ତିରେ ଘଟିଛି।

All the News are collected From Odia Daily Sambad

***Compiled by – Ranjit Sutar, CSNR, VIM-489, Sailashree Vihar, Bhubaneswar -21, Odisha, Email: csnrorissa@gmail.com, Ph: 0674-2741557.***